
# ସ୍ୱତଂତ୍ର ଓଡ଼ିଶା ପ୍ରଦେଶ ଗଠନର
# ଅନ୍ୟତମ ଶ୍ରେଷ୍ଠ ବିନ୍ଧାଣି
# ପଂଡ଼ିତ ନୀଳକଂଠ




ପଂଡ଼ିତ ନୀଳକଂଠ ସ୍ମୃତି ସମିତି
୩୦୩, ଖାରବେଳ ନଗର, ଭୁବନେଶ୍ୱର


Digitized by PPRACHIN, SOA

# ସୂଚୀପତ୍ର


| ବିଷୟ | | |
|---|---|---|
| ୧ । ସମସ୍ତ ବିଚ୍ଛିନ୍ନାଞ୍ଚଳକୁ ଏକ ଶାସନାଧୀନରେ ଆଣି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ କେନ୍ଦ୍ର ବ୍ୟବସ୍ଥା ସଭାରେ ଦାବୀ— | ନୀଳକଣ୍ଠ ଦାସ | |
| ୨ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନୀଳକଣ୍ଠଙ୍କ ଭୂମିକା— | ଡଃ. ଶ୍ରୀରାମ ଚନ୍ଦ୍ର ଦାସ | ୭ |
| ୩ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ନୀଳକଣ୍ଠ— | ଡ଼ାଃ. ନିବେଦିତା ମହାନ୍ତି | ୧୧ |
| ଓଡ଼ିଶା ପ୍ରଦେଶ ଗଠନ ଲାଗି ପଣ୍ଡିତ ନୀଳକଣ୍ଠଙ୍କର ନିରବଚ୍ଛିନ୍ନ ସାଧନା— | ଅଧ୍ୟାପକ ବନମାଳୀ ମିଶ୍ର | ୨୭ |


—o—

Digitized by PPRACHIN, SOA

# ସମସ୍ତ ବିଚ୍ଛିନ୍ନାଞ୍ଚଳକୁ ଏକ ଶାସନାଧୀନରେ ଆଣି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ କେନ୍ଦ୍ର ବ୍ୟବସ୍ଥା ସଭାରେ ଦାବୀ

**ପଣ୍ଡିତ ନୀଳକଣ୍ଠ ଦାସ**

୧୯୨୭ ମସିହା ନିର୍ବାଚନରେ ନୀଳକଣ୍ଠ ବିପୁଳ ଭୋଟରେ ଜୟଲାଭ କରି ୨ୟ ଥର ପାଇଁ କେନ୍ଦ୍ର ବ୍ୟବସ୍ଥା ସଭାକୁ ନିର୍ବାଚିତ ହେଲେ ଓ ବ୍ୟବସ୍ଥା ସଭାରେ ନିଜର ବ୍ୟକ୍ତିଗତ ମହତ୍ତ୍ୱ ଓ 'ସ୍ୱରାଜ୍ୟ' ପାର୍ଟି ସମ୍ପାଦକ ପଦର ମର୍ଯ୍ୟାଦା ବୃଦ୍ଧି କରିଥିଲେ । ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସେ ୧୯୨୭ ମସିହା ଫେବୃୟାରୀ ୮ ତାରିଖରେ ଗୋଟିଏ ବେସରକାରୀ ବିଲ୍ ଆଗତ କରିଥିଲେ ।

ବିଲ୍ ଆଗତ କରି ପଣ୍ଡିତ ନୀଳକଣ୍ଠ କହିଲେ, "ଏ ପ୍ରସ୍ତାବ ସରକାରଙ୍କ ପକ୍ଷରେ ଏକ ନୂଆ ବିଷୟ ନୁହେଁ—ପ୍ରାୟ ଦୀର୍ଘ ୨୫ ବର୍ଷ ହେଲା ଏହା ଦେଶର ରାଜନୈତିକ ସମସ୍ୟା ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରି ଆସିଛି । ଏହି ଆନ୍ଦୋଳନ ୧୯୦୩ ମସିହାରୁ ଆରମ୍ଭ ହୋଇଛି । ତତ୍କାଳୀନ ଘରୋଇ ମନ୍ତ୍ରୀ ଓଡ଼ିଆ ଅଞ୍ଚଳ ମାନ ଏକ ଶାସନାଧୀନ ହେବା ଆବଶ୍ୟକ ବୋଲି ସ୍ୱୀକାର କରିଥିଲେ । ଶାସନ ତାନ୍ତ୍ରିକ ସୁବିଧା ଆଳ ଦେଖାଇ ଏହାକୁ ବାରମ୍ବାର ସ୍ଥଗିତ ରଖାଯାଇଛି । ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳମାନ ଏକ ସରକାର ଅଧୀନରେ ରଖାଯିବ ବୋଲି ଆମକୁ ନିର୍ଭର ଜବାବ ଦିଆ ଯାଇଛି; ଗୋଟିଏ ଉପପ୍ରଦେଶ ଗଢାଯିବାର ପ୍ରସ୍ତାବ ମଝିରେ ମଝିରେ ଉପସ୍ଥାପନ କରାଯାଇଛି । ମାତ୍ର ଓଡ଼ିଆମାନଙ୍କୁ ସନ୍ତୁଷ୍ଟ କରିବା ଭଳି କୌଣସି କାର୍ଯ୍ୟ ଆଜିଯାଏ ହୋଇନାହିଁ । ମାନ୍ୟବର ଶ୍ରୀ ସଚ୍ଚିଦାନନ୍ଦ ସିଂହ ଗତ ବଡ଼ଲାଟ ପରିଷଦର ଅନ୍ତିମ ପର୍ଯ୍ୟାୟରେ ୧୯୨୦ ମସିହାରେ ଏପରି ଏକ ପ୍ରସ୍ତାବ ଉପସ୍ଥାପିତ କରିବାରୁ ସରକାର ଏ ବିଷୟରେ ଅନୁସନ୍ଧାନ କରିବେ ବୋଲି ରାଜି ହୋଇଥିଲେ । ସମ୍ଭବତଃ ନୂତନ ଶାସନ ସଂସ୍କାର ଖସଡ଼ା କାର୍ଯ୍ୟକାରୀ ହେବା ପୂର୍ବରୁ ସରକାର କିଛି କରିବାକୁ ମନସ୍ଥ କରିଥିଲେ । କିନ୍ତୁ

Digitized by PPRACHIN, SOA

ନୂତନଶାସନ ସଂସ୍କାରମତେ ଗଠିତ ପ୍ରଥମ ପରିଷଦର କାର୍ଯ୍ୟକାଳ ପୂରିଗଲା । ଅଥଚ ସରକାର ଏ ବିଷୟରେ କିଛି କଲେ ନାହିଁ । ଦ୍ୱିତୀୟ ପରିଷଦର ପ୍ରାରମ୍ଭରେ ମୋର ବନ୍ଧୁ ଶ୍ରୀ ଭୁବନାନନ୍ଦ ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ସରକାର ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆ ମାନଙ୍କ ବିଷୟ ଅନୁସନ୍ଧାନ କରିବେ ବୋଲି ରାଜି ହେଲେ, ଫିଲପ୍ ଡଫ୍ କମିସନ ବସାଇଲେ । ଉକ୍ତ କମିସନ ଅନୁସନ୍ଧାନ କରି ରିପୋର୍ଟ ଦେଲେ, ଗଞ୍ଜାମ ଓ ବିଶାଖାପାଟଣା ଲୋକେ ଓଡ଼ିଶା ଡିଭିଜନ ସହିତ ମିଶିବାର ପ୍ରବଳ ଇଚ୍ଛା ପ୍ରକାଶ କରିଛନ୍ତି ।

ମୁଁ ଏଠାରେ ସ୍ପଷ୍ଟ ଜଣାଇ ଦେବାକୁ ଚାହେଁ, ବହୁ ଓଡ଼ିଆ ଅଞ୍ଚଳ ବିଭିନ୍ନ ପ୍ରଦେଶମାନଙ୍କ ଅଧୀନରେ ରହିବା ଓ ସେହି ପ୍ରଦେଶ ମାନଙ୍କରେ ଗୋଟିଏ ଗୋଟିଏ ସ୍ୱାର୍ଥାନ୍ୱେଷୀ ଶାସକଗୋଷ୍ଠୀ ସୃଷ୍ଟି ହୋଇଚନ୍ତି । ବଙ୍ଗ ସରକାର ସ୍ପଷ୍ଟ ଜଣାଇଛନ୍ତି ଜନଗଣନାକାରୀ ଅଫିସରମାନେ ଲୋକଙ୍କୁ ଓଡ଼ିଆ ଭାଷାଭାଷୀ ବୋଲି ରେକର୍ଡ଼ କରିବାକୁ ଡରୁଚନ୍ତି । କାରଣ ସେମାନଙ୍କର ଭୟ କାଳେ ଏମାନଙ୍କୁ ଓଡ଼ିଆଭାଷୀ ବୋଲି ଜନଗଣନା ରିପୋର୍ଟରେ ଲେଖିଦେଲେ ସେହି ଅଞ୍ଚଳ ଗୁଡ଼ିକ ଓଡ଼ିଶା ଡିଭିଜନ ସହିତ ମିଶିଯିବ । ବାସ୍ତବରେ ଜନଗଣନା ସୁପରିଂଟେଣ୍ଡେଣ୍ଟ ଜନଗଣନାକାରୀ ଅଫିସର ଓ ସୁପରଭାଇଜରଙ୍କର ଏକ ମିଟିଂରେ ଶୁଣିବାକୁ ପାଇଥିଲେ, ଦାନ୍ତନରେ ବହୁ ଓଡ଼ିଆ ଭାଷୀ ଲୋକେ ରହିଥିବା ହେତୁ ଦାନ୍ତନ ବାଲେଶ୍ୱର ଜିଲ୍ଲା ସହିତ ମିଶି ଯାଇପାରେ । ସର୍କଲ ଅଫିସର ଶ୍ରୀ ଏ: ଏମ୍: ଚକ୍ରବର୍ତ୍ତୀ ୧୯୨୧ ଜୁଲାଇ ୫ ତାରିଖ ଚିଠିରେ ଜଣାଇ ଥିଲେ, ଦାନ୍ତନ ଓ ମୋହନ ପୁରରେ ଓଡ଼ିଆ ଭାଷାଭାଷୀ ଲୋକଙ୍କ ସଂଖ୍ୟା ଅଧିକ । ଆଜି ଏକ କଥା କୁହା ଯାଇଚ ଯେ ଆନ୍ଦୋଳନ ହେତୁ ଲୋକେ ଏପରି ଇଚ୍ଛା ପ୍ରକାଶ କରିଛନ୍ତି । ଏ କଥା ହୋଇପାରେ ଯେ ଯେତେବେଳେ କୌଣସି ଏକ ଦାବୀ ଉପରେ ଆନ୍ଦୋଳନ ଆରମ୍ଭ କରାଯାଏ, ସେତେବେଳେ ଆନ୍ଦୋଳନର ନେତୃବର୍ଗ ଦେଶର ହିତକୁ ଦୃଷ୍ଟିରେ ରଖି ଜନମତ ସୃଷ୍ଟି କରିଥାନ୍ତି ।

ଏ ବିଷୟରେ ବୁଝାଇ କହିବା ପୂର୍ବରୁ ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟ ଆଦି ବିଷୟରେ ମୁଁ ପରିଷଦର ସଭ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । ଏପରିକି ଗତ ବିଧାନ ପରିଷଦର ଜଣେ ସଭ୍ୟ ମୁଁ 'ଓଡ଼ିଶା ସଭ୍ୟ' ବୋଲି କହିବାରୁ କିଛି ବୁଝି ପାରିନଥିଲେ । ତତ୍ପରେ ମୁଁ ''ବିହାର ଓ ଓଡ଼ିଶାର ସଭ୍ୟ'' ବୋଲି କହିଲି । ସେତେବେଳେ ଉକ୍ତ ସଭ୍ୟ କହିଲେ ''ଏ ସ୍ଥାନଟି ଆସାମ ନିକଟବର୍ତ୍ତୀ ଏକ ଅଞ୍ଚଳ'' । ଗଲା ଦୁଇଶହ ବର୍ଷ ହେଲା ଆମ ଲୋକେ ବିଭିନ୍ନ ପ୍ରଦେଶରେ ବିଚ୍ଛିନ୍ନ ହୋଇ ରହିବା ଫଳରେ ସମ୍ଭବତଃ ଭାରତର ଅନ୍ୟ ପ୍ରଦେଶ ଲୋକେ ଆମର ଯଥାର୍ଥ ପରିଚୟ ପାଇ ପାରୁନାହାନ୍ତି । ଆଧୁନିକ ଓଡ଼ିଶା ତିନୋଟି ପୁରାତନ ସଂସ୍କୃତିକୁ ନେଇ ଗଠିତ

Digitized by PPRACHIN, SOA

ହୋଇଚି । ଯଥା:—କଳିଙ୍ଗ, ଉତ୍କଳ ଓ ଓଡ୍ର । ପୁରାତନ କଳିଙ୍ଗ ହେଲା, ଦ୍ରାବିଡ ରାଜ୍ୟର ସୀମାନ୍ତରେ ଆର୍ଯ୍ୟମାନଙ୍କର ପ୍ରଥମ ଉପନିବେଶ । ଏହା ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀର କଥା । ଏହି କଳିଙ୍ଗ କଲିକତା ବା ତାମଲୁକ୍‌ଠାରୁ ଗଞ୍ଜାମର ସୀମାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମଗଧ ସମ୍ରାଟ ଅଶୋକ ଏହି କଳିଙ୍ଗକୁ ଜୟ କରିବାରେ ଧର୍ମାଶୋକରେ ପରିଣତ ହୋଇଥିଲେ । କଳିଙ୍ଗର ଏକ ବଳିଷ୍ଠ ସଂସ୍କୃତି ଥିଲା । ଓଡ଼ିଶାରେ ଏବେ ଯେଉଁ ଉନ୍ନତ ଶିଳ୍ପକଳା ଫୁଟି ଉଠିଚି, ତାହା ଆର୍ଯ୍ୟ ଶିଳ୍ପକଳାର କଳିଙ୍ଗ ସଂସ୍କରଣ ଓ ତାହା ଏବେ ମଧ୍ୟ ଓଡ଼ିଶାର ଗୁମ୍ଫା ମନ୍ଦିର ମାନଙ୍କରେ ଦେଖିବାକୁ ମିଳେ । କଳିଙ୍ଗର ଲୋକେ ସମୁଦ୍ର ଡେଇଁ ଜଳଯାତ୍ରା କରିବାରେ ଖୁବ୍ ପଟୁ ଥିବା କଥା ବେଶ୍ ଜଣାଶୁଣା । ଭାରତ ଇତିହାସରେ ବିଜୟ ସିଂହଙ୍କ ନାମ ସୁପରିଚିତ । ଅବଶ୍ୟ ବିଜୟ ସିଂହଙ୍କୁ ଓଡ଼ିଶା, ବଙ୍ଗଳା, ଗୁଜୁରାଟ ଓ ବର୍ମା ପ୍ରତ୍ୟେକେ ନିଜ ଅଞ୍ଚଳର ଲୋକ ବୋଲି ଦାବୀ କରିଥାନ୍ତି । ଏଇ ବିଜୟ ସିଂହଙ୍କ ସହିତ ତାଙ୍କ ସ୍ତ୍ରୀ ଯାଇ ଶ୍ରୀଲଙ୍କାରେ ଉପନିବେଶ ସ୍ଥାପନ କରିଥିଲେ । ତାଙ୍କ ସ୍ତ୍ରୀ କିନ୍ତୁ ନିଶ୍ଚିତ ଭାବରେ କଳିଙ୍ଗର ରାଜକନ୍ୟା ବୋଲି ଜଣାଯାଏ । ବର୍ମା ଓ ପୂର୍ବ ଭାରତୀୟ ଦ୍ୱୀପ ପୁଞ୍ଜରେ କଳିଙ୍ଗ ଲୋକେ ଉପନିବେଶ ସ୍ଥାପନ କରିଥିଲେ । ଏବର ପେଗୁର ସ୍ଥାନୀୟ ନାଁ 'ଓଣା' ଓ ଏହା ଓଡ଼ିଶାର ଅପଭ୍ରଂଶ ମାତ୍ର । ବର୍ମାର କେତେକ ମନ୍ଦିର ଓଡ଼ିଶାର ଉଦୟଗିରି ଗୁମ୍ଫା ମନ୍ଦିରର ଅନୁକରଣରେ ନିର୍ମିତ । ଓଡ଼ିଶାର ନୌ-ବାଣିଜ୍ୟ ଗତ ଶତାବ୍ଦୀର ସପ୍ତ ଦଶକ ପର୍ଯ୍ୟନ୍ତ ଚାଲୁଥିଲା । ଓଡ଼ିଶାର ଉପକୂଳବର୍ତ୍ତୀ ଲବଣ ବ୍ୟବସାୟ ସରକାର ନାନା ଭାବରେ ଧ୍ୱଂସ କରିଦେବାରେ ନୌ-ବାଣିଜ୍ୟରେ ଓଡ଼ିଆଙ୍କର ବିଶେଷତ୍ୱ ଲୋପ ପାଇଗଲା । ତଥାପି ବାଲେଶ୍ୱର ଓ ଓଡ଼ିଶାର କେତେକ କ୍ଷୁଦ୍ର ବନ୍ଦର ମାନଙ୍କରେ ଓଡ଼ିଶା ନୌ-ବାଣିଜ୍ୟର ଭଗ୍ନାବଶେଷ ଏବେ ବି ଦେଖାଯାଏ ।

ଏହି କଳିଙ୍ଗ ପୁଣି ବୌଦ୍ଧ ସଂସ୍କୃତିର ପ୍ରଧାନ କେନ୍ଦ୍ର ହୋଇଥିଲା । ଏହାପରେ ଉଡ୍ରରାଜ୍ୟ ସଭ୍ୟତା କଳିଙ୍ଗର ବୌଦ୍ଧ ସଭ୍ୟତାକୁ ଗ୍ରାସ କରି ହିନ୍ଦୁ ଧର୍ମପୀଠରେ ଏହାକୁ ପରିଣତ କରିଥିଲା । ଏହି ଉଡ୍ର ସଭ୍ୟତା ଏବେ ମଧ୍ୟପ୍ରଦେଶର ଦକ୍ଷିଣ-ପୂର୍ବାଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏବେ ଆମର ଯେଉଁ ଜଗନ୍ନାଥ ମନ୍ଦିର ଭାରତ ବିଖ୍ୟାତ ହୋଇ ରହିଚି, ତାହା ଉଡ୍ର ସଭ୍ୟତାର ହିଁ ଅବଦାନ । ଓଡ଼ିଶାର ସଂସ୍କୃତି ଏହି ଜଗନ୍ନାଥ ମନ୍ଦିର ଯେନ ନିଜକୁ ଧନ୍ୟ ମଣିଥାଏ ଯେହେତୁ ଏହି ମନ୍ଦିର ମଧ୍ୟରେ ଜାତି, ବର୍ଣ୍ଣ, ଅସ୍ପୃଶ୍ୟତା ଆଦି ଭେଦଭାବ ନାହିଁ । ଭାରତର ଅନ୍ୟ କୁତ୍ରାପି ଏହା ପରିଲକ୍ଷିତ ହୁଏନାହିଁ । ଏହାହିଁ ସ୍ପଷ୍ଟତଃ ଓଡ଼ିଆ ସଭ୍ୟତା । ଭାରତର ଧର୍ମ ବିଚାରରେ ପସ୍ଥାବର୍ତ୍ତୀର ସ୍ୱତନ୍ତ୍ର ସତ୍ତା ବିଚାରକୁ ନିଆଯାଉ ।

Digitized by PPRACHIN, SOA

ସେହିପରି ପ୍ରାଚୀନ ଉତ୍କଳର ପ୍ରଭାବ ସିଂହଭୂମି ପଟୁ ଆସି ସଭ୍ୟତାର ପ୍ରବାହରେ ବହୁକିଛୁ ସଂଯୋଗ କରିଥିଲା । ଏହିପରି ଜନଗୋଷ୍ଠି ସଭ୍ୟତାର ମିଶ୍ରଣରେ ଓଡ଼ିଶାରେ ଯେ ଏକ ପୁଷ୍କଳ ସଭ୍ୟତା ଗଢି ଉଠିଥିଲା, ତାହା ସ୍ପଷ୍ଟ । ଏହି ଓଡ଼ିଆ ସଭ୍ୟତାକୁ ଧ୍ୱଂସ କରିବା ପାଇଁ ବାରମ୍ବାର ତୀବ୍ର ଆକ୍ରମଣ କରାଯାଇଛି ସତ, କିନ୍ତୁ ଏପରି ଏକ ବଳିଷ୍ଠ ସଭ୍ୟତା ଧ୍ୱଂସ ହେବାର ନୁହେଁ, ହୋଇପାରି ନାହିଁ ।

କେହି ଯେପରି ମନେ କରିବା ଉଚିତ ନୁହେଁ ଯେ ଏହି ବିଂଶ ଶତାବ୍ଦୀରେ ପ୍ରଥମ କରି ଆମେ ଆମକୁ ଏକ ପ୍ରଦେଶରେ ଅନ୍ତର୍ଭୁକ୍ତ କରିବା ଲାଗି ଆମର ଦାବୀ ଜଣାଉଛୁ । କାରଣ ଇତିହାସରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହୋଇ ବରାବର ଥିଲା, କେବଳ ଏହାର ରାଜସ୍ୱରୁ କୌଣସି ମତେ ଚଳି କରି ନୁହେଁ ଏହା ବରାବର ଏକ ସମୃଦ୍ଧିଶାଳୀ ରାଜ୍ୟ ଥିଲା, ନିଜର ଶିଳ୍ପକଳା, ସାହିତ୍ୟ ଓ ସଂସ୍କୃତିକୁ ଘେନି ଏକ ଖୁବ୍ ଉନ୍ନତ ଓ କ୍ଷମତାଶାଳୀ ରାଜ୍ୟ ! ମେଦିନୀପୁରଠାରୁ ଗଞ୍ଜାମର ଦକ୍ଷିଣାଞ୍ଚଳ ଓ ସମୁଦ୍ର ତଟଭୂମିଠାରୁ ସିଂହଭୂମି ଓ ମଧ୍ୟପ୍ରଦେଶର ପୂର୍ବାଞ୍ଚଳ ପର୍ଯ୍ୟନ୍ତ ଓଡ଼ିଶା ବିସ୍ତୃତ ଥିଲା ବୋଲି ଇତିହାସରେ ଲିପିବଦ୍ଧ ହୋଇ ରହିଛି । ପୂର୍ବକାଳରେ ବିଜୟନଗର, ବାହାମନି ରାଜ୍ୟ ଓ ବଙ୍ଗ ଦେଶରେ ସୁବର୍ଣ୍ଣ ଯୁଗରେ ମଧ୍ୟ ଓଡ଼ିଶାର ସମ୍ରାଟମାନେ ନିଜର ସ୍ୱାଧୀନତା ରକ୍ଷାକରିବା ବ୍ୟତୀତ ସେମାନଙ୍କର କୃଷକ ସେନା ନେଇ ଏହି ରାଜ୍ୟମାନଙ୍କ ଅନ୍ତର୍ଦେଶପର୍ଯ୍ୟନ୍ତ ମାଡ଼ି ଯାଉଥିଲେ । ମୋଗଲ ସମ୍ରାଟ ଆକବର ଜଣେ ବିଚକ୍ଷଣ ରାଜନୀତିଜ୍ଞ ଥିଲେ । ସେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରୂପେ ରଖିବାର ଆବଶ୍ୟକତା ବୁଝିଥିଲେ । ତେଣୁ ମୋଗଲ କାଳରେ ମଧ୍ୟ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ରାଜ୍ୟହୋଇ ରହିଥିଲା । ମୁଁ ଏଠି କହିଦେବାକୁ ଚାହେଁ ଯେ ଓଡ଼ିଶାର ମୁସଲମାନମାନେ ଅତି ସମ୍ମାନନୀୟ ଜାତି । ତେଣୁ ଓଡ଼ିଶାରେ କେବେ ହିନ୍ଦୁ ମୁସଲମାନଙ୍କ ଭିତରେ ସାମ୍ପ୍ରଦାୟିକ ଦଙ୍ଗା ହୋଇନାହିଁ ।

ଏହାପରେ ଓଡ଼ିଶା ଉପରେ ବାରମ୍ବାର ଆକ୍ରମଣ କରାଯାଇଛି । ଆମକୁ ଏକ କନ୍ଦୁକ ସଦୃଶ ବ୍ୟବହାର କରାଯାଇଛି । ସମ୍ଭବତଃ ଇଂରେଜ ଅମଳରେ ଓଡ଼ିଶାର ଚରମ ଅଧୋଗତି ହୋଇଛି । ପଲାସୀ ଯୁଦ୍ଧର ଅଳ୍ପଦିନ ପୂର୍ବରୁ ଏହା ବଙ୍ଗଳାର ଅଂଶବିଶେଷ ହୋଇ ରହିଥିଲା ଓ ତାର କିଛିକାଳ ପୂର୍ବରୁ ଓଡ଼ିଶା ନାଗପୁର ଅଧୀନରେ ରହିଥିଲା । ଖୁବ୍ ସମ୍ଭବ, ମରହଟ୍ଟାଙ୍କ ଭୟରେ ବଙ୍ଗାଳୀ ବଣିକମାନେ ବଙ୍ଗ ଲାଟଙ୍କୁ ପ୍ରଭାବିତ କରି ମରହଟ୍ଟା ମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ଓଡ଼ିଶାକୁ ମରହଟ୍ଟାଙ୍କ ପାଖରେ ସମର୍ପଣ କରିଦେଇଥିଲେ ଓ ଏହା ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହେଲା । ଦ୍ୱିତୀୟ ମରହଟ୍ଟା ଯୁଦ୍ଧପରେ ଓଡ଼ିଶାକୁ ପୁଣି ବଙ୍ଗଳା ସହିତ ସାମିଲ କରାଗଲା । ପ୍ରସିଦ୍ଧ ଐତିହାସିକ ହଣ୍ଟର ସାହେବ ସ୍ୱୀକାର କରିଛନ୍ତି, ଓଡ଼ିଶାର ଏବଂ ଦୁର୍ଭିକ୍ଷ ଲାଗି ଇଂରେଜ ମାନେହିଁ ଦାୟୀ । ଘଟିତ

Digitized by PPRACHIN, SOA

ପଣ୍ଡିତ ଦାସ କ୍ଷୋଭ ପ୍ରକାଶ କରି କହିଲେ, ଓଡ଼ିଶାକୁ ଏକ ପଣ୍ୟରୂପେ ବ୍ୟବହାର କରାଯାଇଛି । ବିଭିନ୍ନ ସମୟରେ ବିଭିନ୍ନ ପ୍ରଦେଶର ନିରାପତ୍ତା ଓ ସୁଖ ସୁବିଧା ପାଇଁ ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରି ବିଭିନ୍ନ ପ୍ରଦେଶ ସହିତ ଯୋଡ଼ି ଦିଆ ଯାଇଛି । ଶେଷରେ ଏହାକୁ ବିହାର ସହିତ ଯୋଡ଼ି ଏକ ଅପଚେଷ୍ଟା କରାଯାଇଛି । କୁହାଯାଉଛି ବିହାରୀଙ୍କୁ ଏକ ସାମୁଦ୍ରିକ ଉପକୂଳର ସୁବିଧା ଦେବାପାଇଁ ଏପରି କରା ଯାଇଛି । କିନ୍ତୁ ଏବେ ସୁଦ୍ଧା ଓଡ଼ିଶାରେ କୌଣସି ବନ୍ଦର ପ୍ରତିଷ୍ଠା କରାଯାଇଛି କି ? ଓଡ଼ିଶା ସମୁଦ୍ର ଉପକୂଳ ଅଞ୍ଚଳର ଉନ୍ନତି ନିମନ୍ତେ କୌଣସି ଉଦ୍ୟମ କରା ଯାଇଛି କି ?

ବିହାର ସହିତ ସମସ୍ତ ସମ୍ପର୍କ ଛିନ୍ନ କରି ଦେବାକୁ ଚାହାନ୍ତି କି ବୋଲି ମଧ୍ୟ ପ୍ରଦେଶର ଜଣେ ସଭ୍ୟଙ୍କ ପ୍ରଶ୍ନର ଉତ୍ତରରେ ପଣ୍ଡିତ ଦାସ କହିଲେ, ଆମେ ଆସାମ ବା ମଧ୍ୟପ୍ରଦେଶ ଭଳି ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ରହିବାକୁ ଚାହୁଁ । ଲୋକସଂଖ୍ୟା ଏବଂ ଆୟ ଦୃଷ୍ଟିରୁ ଓଡ଼ିଶା ସହିତ ପ୍ରାୟ ସମାନ ହେଲେ ମଧ୍ୟ ଆସାମକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରାଗଲା । ସ୍ୱତନ୍ତ୍ର ହାଇକୋର୍ଟ ଓ ବିଶ୍ୱ ବିଦ୍ୟାଳୟ ନଥାଇ ମଧ୍ୟ ଆସାମ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ପାଇଛି । ଅତୀତରେ ଓଡ଼ିଶା ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଥିବା କଥା ମୁଁ ପୂର୍ବରୁ ଦର୍ଶାଇଛି । ମାତ୍ର ପ୍ରାୟ ଦୁଇଶହ ବର୍ଷହେଲା ଇଂରେଜ ସରକାରଙ୍କ କାରସାଦିରୁ ଏହାକୁ ବିଭିନ୍ନ ପ୍ରଦେଶ ସହିତ ଯୋଡ଼ି ଦିଆ ଯାଉଛି । ତେଣୁ ଏବେ ଆର୍ଥିକ ଦୁର୍ଗତିର ଆଶଙ୍କା ସତ୍ତ୍ୱେ ଆମେ ଏକ ସ୍ୱତନ୍ତ୍ର ପ୍ରଦେଶ ଚାହିଁବା ସ୍ୱାଭାବିକ । ତେବେ, ଯେହେତୁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଏକତ୍ରିକରଣ ନିମନ୍ତେ ଏଠି ଆଲୋଚନା ଚାଲିଛି, ତେଣୁ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ବିଷୟ ମୁଁ ଏଠାରେ ଉଠାଉ ନାହିଁ । ମାତ୍ର ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହିଁ ଆମର ଲକ୍ଷ୍ୟ ।

ପଣ୍ଡିତ ଦାସ ଭାଷଣ ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ ଯେ ବିହାର ଭିତରେ ଓଡ଼ିଶା ଡିଭିଜନର ଆକାର ବୃଦ୍ଧି କରିବା ପାଇଁ ବାରମ୍ବାର ଏହିପରି କୁହାଯାଉଛି ଓ ପ୍ରସ୍ତାବନା ଅଣାଯାଇଛି । ବିହାର ଓ ଓଡ଼ିଶା ବ୍ୟବସ୍ଥା ପରିଷଦରେ ୧୯୨୧ରେ ଏହିପରି ଏକ ପ୍ରସ୍ତାବ ଆସି କାଟ ଖାଇ ଯାଇଥିଲା । କିନ୍ତୁ ଏହି ପ୍ରସ୍ତାବରେ ଟିକିଏ ପରିବର୍ତ୍ତନ କରି "ବିହାର ଓ ଓଡ଼ିଶା ଶାସନାଧୀନ"ରେ ଓଡ଼ିଶା ଡିଭିଜନକୁ ବିଚ୍ଛିନ୍ନାଞ୍ଚଳର ଏକତ୍ରି-କରଣ ପ୍ରସ୍ତାବ ଆସିଲା ବେଳେ ତାହା ଗୃହୀତ ହୋଇଗଲା । ତେଣୁ ଏଠି ସଂଶୋଧିତ ପ୍ରସ୍ତାବରେ ଏକ ଶାସନାଧୀନରେ ରହିବା କଥା କହିଲାବେଳେ ମୁଁ ଓଡ଼ିଶାକୁ ବିହାର ଅଧୀନରେ ରହିବା ସ୍ୱତନ୍ତ୍ର ପ୍ରଦେଶ ହୋଇ ରହିବା କଥାରେ ଛିନ୍ନ ହୋଇ

ସ୍ୱତନ୍ତ୍ର ପ୍ରଦେଶ ହିଁ ଆମର ପରବର୍ତ୍ତୀ ଅଭିଳାଷ ।

Digitized by PPRACHIN, SOA

ପଣ୍ଡିତ ଦାସ ବୁଝାଇ ଥିଲେ ଯେ ଯଦି ଅନ୍ୟ କୌଣସି ପ୍ରଦେଶ ସହିତ ପରୀକ୍ଷା-ମୂଳକ ଭାବେ ଓଡ଼ିଶାକୁ ଯୋଡ଼ିବା କଥା ହୁଏ, ତେବେ ତାକୁ ମଧ୍ୟ-ପ୍ରଦେଶ ସହିତ ସଂଲଗ୍ନ କରିବା ଉଚିତ । କାରଣ କଟକରୁ ସମ୍ବଲପୁର ଦେଇ ପରିକଳ୍ପିତ ରେଲ ଲାଇନ ଯୋଗେ ନାଗପୁର ସହିତ ଯୋଗାଯୋଗ ସ୍ଥାପନ କରାଯାଇ ପାରିବ । ଏହାଛଡ଼ା ବିଶାଖାପାଟଣା ବନ୍ଦର ପାଇବାରେ ଆମର ଅନ୍ୟଏକ ସୁବିଧା ମଧ୍ୟ ହେବ । ତାହା ଯଦି ନ ହୁଏ, ବଂଗଳା ସହିତ ମଧ୍ୟ ଆମକୁ ମିଶାଇ ଦିଆଯାଇ ପାରେ । ତଦ୍ୱାରା ହାଇକୋର୍ଟ ଓ ବିଶ୍ୱ ବିଦ୍ୟାଳୟର ସୁବିଧା ଛଡ଼ା ଓଡ଼ିଶାର ଯେ କୌଣସି ସ୍ଥାନରୁ ୧୨ ଘଣ୍ଟାରେ ରାଜଧାନୀ କଲିକତାରେ ପହଞ୍ଚି ହେବ । ବିହାର ସହିତ ଆମକୁ ସଂଯୁକ୍ତ କରି ରଖିବାରେ କି ମାଧୁର୍ଯ୍ୟ (Charm) ଅଛି, ମୁଁ ବୁଝି ପାରୁନାଇ । ରାଜଧାନୀ ପାଟନା ଆମଠାରୁ ବହୁ ଦୂରରେ । ପୁଣି ଇତିହାସରେ ବଂଗଳା କିଂବା ମଧ୍ୟପ୍ରଦେଶ ଛଡ଼ା ଅନ୍ୟ କୌଣସି ପ୍ରଦେଶ ସଂଗେ ଆମକୁ କେବେ ରଖାଯାଇ ନ ଥିବା କଥା, ମୁଁ ଆଗରୁ ଦର୍ଶାଇଛି । ୧୯୧୧ ରୁ ବଂଗ ବିଚ୍ଛେଦ ରଦ୍ଦ କରି ବିହାରକୁ ଟିକିଏ ସୁବିଧା ଦେବାପାଇଁ ଆମକୁ ବିହାର ଅଧୀନରେ ରଖାଯାଇଛି । ତଥାପି ଯଦି ସରକାର ଆମକୁ ବିହାର ଅଧୀନରେ ରଖିବାକୁ ଚାହୁଁଥାନ୍ତି ଓ ତହିଁରେ ଆମେ ଆମର ଭାଗ୍ୟ ଆଦରିବାକୁ ବାଧ୍ୟ ହେଉ, ତେବେ ସମଗ୍ର ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ରିତ କରି ବିହାର ଅଧୀନରେ ରଖନ୍ତୁ । ଆମେ ବର୍ତ୍ତମାନ ଏ ଇଂରେଜ ସରକାରଙ୍କର ଅଧୀନରେ ଗୋଟିଏ ମୃତ ଜାତି ରୂପେ ରହିଛୁ । ଏପରି ପରିସ୍ଥିତିରେ କେଉଁ ପ୍ରଦେଶରେ ରହିବୁ ତାହା ଲୋଡ଼ିବାର ଅବକାଶ ଏବେ ଆମର ନାହିଁ । କେବଳ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବାକୁ ଆମେ ଏଠି ଏବେ ଚାହିଁଛୁ, ତାହା ନ ହେବା ପର୍ଯ୍ୟନ୍ତ ଆମେ ଆନ୍ଦୋଳନରୁ କ୍ଷାନ୍ତ ହେବୁ ନାଇ । ଶାନ୍ତ ହେବୁ ନାଇ ।

ଗୋଟିଏ ଉପ ପ୍ରଦେଶ ପ୍ରସ୍ତାବ ମଧ୍ୟ ଉଠିଛି—ମୁଁ କ୍ଷମା ମାନ୍ୟବର ଘରୋଇ ବିଭାଗ ସଭ୍ୟ, ଏହା ବାସ୍ତବରେ କ'ଣ ବୁଝୁନାହୁଁ । ଗୋଟିଏ ପ୍ରଦେଶକୁ ଉପପ୍ରଦେଶ କହିବା ଅସଂଗତ, (Somewhat odd) । ଉପ ପ୍ରଦେଶ କହିଲେ ଗୋଟିଏ ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ବିହୀନ ଏକ ପ୍ରଦେଶ ବୋଲି ମୁଁ ବୁଝେ । ଏ ସମସ୍ତ ଖର୍ଚ୍ଚ ତୁଲାଇବା ଆମ ପ୍ରଦେଶର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ସମ୍ଭବ ନୁହେଁ ବୋଲି କୁହା-ଯାଉଥିଲେ ହେଁ ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ସମେତ ସବୁର ଖର୍ଚ୍ଚ ଆମେ କୌଣସି ମତେ ତୁଲାଇ ପାରିବୁ ବୋଲି ମୋର ଦୃଢ଼ ମତ । କିନ୍ତୁ ଆମ ଭାଗ୍ୟ ନିୟନ୍ତାମାନେ ଏହା ସମ୍ଭବ ନୁହେଁ ବୋଲି ଯଦି ଦେଖନ୍ତି, ତେବେ ଆସାମ ସଦୃଶ ଗୋଟିଏ ପ୍ରଦେଶ ଆମକୁ ଦିଆଯାଉ । ଉପ-ପ୍ରଦେଶ କେବଳ ନାମତଃ ଅପମାନ ସୂଚକ ନୁହେଁ, ତଦ୍ୱାରା ଆମକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆମ ଲୋକଙ୍କର ଅ

ଏହାପରେ ପଣ୍ଡିତଜୀଙ୍କର ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶା ସହିତ ଏକତ୍ର କରି ବିହାର ଓଡ଼ିଶା ଅଧୀନରେ ରଖିବା ପ୍ରସ୍ତାବରେ ସରକାର ନହାଇଥିଲେ ।

—୦—

Digitized by PPRACHIN, SOA

# ଓଡ଼ିଶା ପ୍ରଦେଶ ଗଠନରେ ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା

ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ

ପଣ୍ଡିତ ନୀଳକଣ୍ଠ ଏକାଧାରରେ ଜଣେ ବିଶିଷ୍ଟ ଦେଶସେବୀ, ସାହିତ୍ୟିକ, ବିଚକ୍ଷଣ ରାଜନୀତିଜ୍ଞ ଭାବରେ ସୁପରିଚିତ । ତା'ଛଡ଼ା ତାଙ୍କର ଥିଲା ବିରାଟ ବ୍ୟକ୍ତିତ୍ୱ ଏବଂ ସେ ଥିଲେ ଏକ ପ୍ରକାଣ୍ଡ ଅନୁଷ୍ଠାନ ଓ ଜଣେ ସମର୍ଥ ସ୍ରଷ୍ଟା । ଜୀବନର ପ୍ରାରମ୍ଭରେ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ଦେଶ ସେବାର ସଂକଳ୍ପ ନେଇ ସତ୍ୟବାଦୀରେ ଯେଉଁ ବନବିଦ୍ୟାଳୟ ସ୍ଥାପନ କରିଥିଲେ, ତା'ର ଲକ୍ଷ୍ୟ ଥିଲା 'ମଣିଷ' ତିଆରି କରିବା । କାରଣ ସେମାନେ ବୁଝିଥିଲେ ଦେଶର ଉନ୍ନତି ପାଇଁ ଏହା ସର୍ବପ୍ରଥମେ ଦରକାର । ବନବିଦ୍ୟାଳୟର ପ୍ରଧାନଶିକ୍ଷକ ରୂପେ ଦୀର୍ଘ ୭ ବର୍ଷ ମଧ୍ୟରେ ସତ୍ୟବାଦୀରୁ ସେ ଯେଉଁ ମଣିଷ ସବୁ ସୃଷ୍ଟି କରି ଯାଇଥିଲେ, ସେମାନେ ଏବେ ମଧ୍ୟ ସମାଜରେ ବାରି ହୋଇ ପଡ଼ନ୍ତି ।

ନୀଳକଣ୍ଠ ପୁରୀ ଜିଲ୍ଲା ସ୍କୁଲ ଛାତ୍ର ଥିଲାବେଳୁ ଉତ୍କଳ ସମ୍ମିଳନୀ ସହିତ ସଂପୃକ୍ତ । ୧୯୦୩ ମସିହା ଡିସେମ୍ବରରେ କଟକ ଠାରେ ହୋଇଥିବା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ମାତ୍ର ଜଣେ ଦର୍ଶକ ଭାବରେ ସେ ଯୋଗ ଦେଇଥିଲେ । ତାର ଅଳ୍ପ ଦିନ ପରେ ପୁରୀଠାରେ ମଧୁବାବୁଙ୍କର ବିରାଟ ସମ୍ମିଳନୀ ସଭାରେ "ବିଦେଶୀ ବର୍ଜନ ଓ ସ୍ୱଦେଶୀ ବ୍ୟବହାର"ର ପ୍ରତିଜ୍ଞା ପତ୍ରରେ ପ୍ରବଳ ପରାକ୍ରମୀ ଇଂରେଜ ଶାସନ ଓ ଦୁର୍ଦ୍ଦାନ୍ତ ପୋଲିସଙ୍କ ଭୟରେ କେହି ଦସ୍ତଖତ ଦେଉ ନଥିବା ବେଳେ ନୀଳକଣ୍ଠ ଏସବୁ ପ୍ରତି ଖାତିର ନକରି ପ୍ରଥମେ ଦସ୍ତଖତ ଦେଲେ । ସେ ଏହାଦ୍ୱାରା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନଙ୍କ ସୁନଜରରେ ଆସିଲେ । ଏହା ପରେ ସତ୍ୟବାଦୀ ସ୍କୁଲ ଛାତ୍ରମାନଙ୍କୁ ନେଇ ନୀଳକଣ୍ଠ କଟକରେ ଉତ୍କଳ ସମ୍ମିଳନୀର ଅଧିବେଶନ ସୁଶୃଙ୍ଖଳିତ ଭାବରେ ପରିଚାଳନା କରିବାରେ ଯେଉଁ ସାହାଯ୍ୟ ଦେଇଥିଲେ, ମଧୁବାବୁ ତାଙ୍କର ସେ କାର୍ଯ୍ୟଦକ୍ଷତାରେ ବିଶେଷ ମୁଗ୍ଧ ହୋଇ ପଡ଼ିଥିଲେ । ପରେ ୧୯୧୭ ମସିହା ପୁରୀ ସମ୍ମିଳନୀରେ ମଧୁବାବୁ ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ ।

Digitized by PPRACHIN, SOA

୧୯୧୭ ମସିହାରେ ପଣ୍ଡିତ ନୀଳକଂଠ ଉତ୍କଳ ସମ୍ମିଳନୀର ଚଞ୍ଚୁଷ୍ମା ଅଧିବେଶନରେ ସଭାପତିତ୍ୱ କରି ବିଛିନ୍ନାଞ୍ଚଳର ଏକତ୍ରୀକରଣ ଦାବୀକୁ ଆହୁରି ଦୃଢ଼ୀଭୂତ କରିଥିଲେ । ଏତେବେଳେ ସତ୍ୟବାଦୀ ସ୍କୁଲର ହେଡ୍‌ମାଷ୍ଟର ଥିଲେ ହେଁ ବସ୍ତୁତଃ ପଣ୍ଡିତ ନୀଳକଂଠ ଉତ୍କଳ ସମ୍ମିଳନୀର ଦେଶମିଶ୍ରଣ ସମେତ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ।

୧୯୨୭ ମସିହା ଫେବୃୟାରୀ ୮ ତାରିଖ ଓଡ଼ିଶାବାସୀଙ୍କ ପକ୍ଷରେ ଏକ ସ୍ମରଣୀୟ ଦିବସ । ଏ ଦିନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ପଣ୍ଡିତ ନୀଳକଣ୍ଠ ଗୋଟିଏ ପ୍ରସ୍ତାବ ଆକାରରେ ଦାବୀ ଉପସ୍ଥାପନ କରିଥିଲେ ଓ ବିଧିବଦ୍ଧ ଭାବରେ ଏହାର ଅନୁଧ୍ୟାନ କରିବାରେ ଲାଗି ରହିଥିଲେ । ଏହା ସପକ୍ଷରେ ବ୍ୟବସ୍ଥାସଭାରେ ବଳିଷ୍ଠ ଯୁକ୍ତିମାନ ଦର୍ଶାଇବା ବ୍ୟତୀତ ବମ୍ବେ, ଦିଲ୍ଲୀ ଓ ମାନ୍ଦ୍ରାଜର ପତ୍ରପତ୍ରିକାମାନଙ୍କରେ ଏ ସମ୍ପର୍କୀୟ ବହୁ ତଥ୍ୟ ମୂଳକ ପ୍ରବନ୍ଧ ପ୍ରକାଶ କରାଇ ସେ ସରକାରଙ୍କ ଉପରେ ଏଥିପାଇଁ ଯଥେଷ୍ଟ ଚାପ ପକାଇଥିଲେ ।

ପଣ୍ଡିତ ଗୋପବନ୍ଧୁ ନୀଳକଂଠଙ୍କର ଏ କାର୍ଯ୍ୟକୁ ଏପରି ଗର୍ବ ଓ ଗୌରବର ସହିତ ଗ୍ରହଣ କରୁଥିଲେ ଯେ ନୀଳକଂଠଙ୍କର କେନ୍ଦ୍ର ଆସେମ୍ବ୍ଲିରେ ଉପରୋକ୍ତ ପ୍ରସ୍ତାବ ଉପରେ କଲିକତାର ଷ୍ଟେଟ୍‌ସମ୍ୟାନ୍ ପତ୍ରିକା ଯେଉଁ ଅଗ୍ର ଲେଖା ବାହାର କରିଥିଲା ତାକୁ ଦେଖାଇ ପଣ୍ଡିତ ଗୋପବନ୍ଧୁ କଟକ ସହରଯାକ ବୁଲି ବୁଲି ଏ କଥା ପ୍ରଚାର କରୁଥିଲେ । ଏ ସବୁର ଫଳ ସ୍ୱରୂପ ୧୯୨୯ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ବିଷୟ ଭାରତ ସରକାରଙ୍କ କ୍ୟାବିନେଟ୍‌ରେ ବିଚାର ହେଲା ଓ ୧୯୩୧ ମସିହାରେ ବିଷୟଟିର ସମାଧାନ ପାଇଁ ଓଡ଼ନେଲ କମିଟି ଗଠିତ ହେଲା । ପଣ୍ଡିତ ନୀଳକଣ୍ଠ ଏ କମିଟିକୁ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବରେ ଗୋଟିଏ ଦୀର୍ଘ ସ୍ମାରକ ପତ୍ର (Memorandum) ଦେଇଥିଲେ । ମାତ୍ର କଂଗ୍ରେସର ଆଞ୍ଚଳିକ ଅଧ୍ୟକ୍ଷ ଭାବରେ ଡ଼ଃ ରାଜେନ୍ଦ୍ର-ପ୍ରସାଦ ଉକ୍ତ କମିଟିକୁ ବର୍ଜନ କରିବା ନିମନ୍ତେ ଆଦେଶ ଦେବା ହେତୁ ପଣ୍ଡିତ ନୀଳକଣ୍ଠ କମିଟି ଆଗରେ ଏଥିପାଇଁ ସାକ୍ଷୀ ଦେଇପାରି ନଥିଲେ । ତଥାପି ସେତେବେଳେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲି ବିରୋଧୀ (କଂଗ୍ରେସ) ଦଳ ସେକ୍ରେଟାରୀ, ତାଙ୍କୁ ବାଦ ଦେଇ ସରକାର ଏ ବିଷୟରେ କୌଣସି ଏକ ନିଷ୍ପତ୍ତି ନେବାକୁ ସାହସ କରି ନ ଥିଲେ । ଏଣୁ କେନ୍ଦ୍ର

Digitized by ORPRACHIN, SOA

ଇଚ୍ଛା ଥିଲା, ଓଡ଼ିଆ ଭଷାଭଷୀ ବିଚ୍ଛିନ୍ନ ଅଞ୍ଚଳକୁ ଏକତ୍ର କରି ଗୋଟିଏ ଉପ-ପ୍ରଦେଶ ଗଠନ କରାଇ ବିଷୟଟିର ସାମାଧାନ କରାଇନେବା । ଏ ପ୍ରସ୍ତାବରେ ନୀଳକଣ୍ଠଙ୍କୁ ରାଜି କରାଇବା ନିମନ୍ତେ ଭରତ ସରକାରଙ୍କ ଅର୍ଥ ସଚିବ ମୁଡ଼ିମାନ ସାହେବ ନୀଳକଣ୍ଠଙ୍କ ବସାକୁ ଆସି ତାଙ୍କ ସହିତ ବାରମ୍ବାର ଆଲୋଚନା କରିଥିଲେ । ଶେଷରେ ସେ ନୀଳକଣ୍ଠଙ୍କୁ "ସାର୍" ଉପାଧି ଦିଅଯିବାର ପ୍ରଲୋଭନ ମଧ୍ୟ ଦେଖାଇଥିଲେ । ପଣ୍ଡିତଜୀ ତାଙ୍କୁ You have come to a wrong door କହି ଫେରାଇ ଦେବା ପରେ ସରକାରଙ୍କର ଓଡ଼ିଶାକୁ ଉପପ୍ରଦେଶ କରାଇବା ଚେଷ୍ଟା ବିଫଳ ହେଲା ଓ ଏହାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରାଯିବା ବିଷୟରେ ସରକାର ଘୋଷଣା କରିବାକୁ ବାଧ୍ୟ ହେଲେ । ପରିଶେଷରେ ଓଡ଼ିଶାକୁ ବାର୍ଷିକ ମାତ୍ର ୪୦ ଲକ୍ଷ ଟଙ୍କା ଦେବା ସର୍ତ୍ତରେ ପଣ୍ଡିତଜୀଙ୍କୁ ରାଜି କରାଇ ଓଡ଼ନେଲ କମିଟିଙ୍କ ରିପୋର୍ଟ ଚୂଡ଼ାନ୍ତ କରାଇଲେ । ଏ ସଂପର୍କରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି— "୧୯୨୯" ମସିହାରେ ବୋଧହୁଏ କ୍ୟାବିନେଟ୍‌ରେ ବିଗ୍ଭର କରି ମୁଡ଼ିମାନ ସାହେବ ମୋ ସଙ୍ଗେ ଉପପ୍ରଦେଶ ପାଇଁ ପତ୍ରାଳାପ କରିଥିଲେ ଓ ସେଇ ଆଲୋଚନା ଫଳରେ ଭରତ ସରକାରଙ୍କର ଅର୍ଥମନ୍ତ୍ରୀ ମତେ କହିଲେ ଯେ, ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ ବର୍ଷକୁ ୪୦ ଲକ୍ଷ ଟଙ୍କା ପାଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଉ ଏଇ ସର୍ତ୍ତରେ ସେ ମୋତେ ଓଡ଼ିଶା ପ୍ରଦେଶ ଗଢ଼ିବାକୁ ରାଜି ହେବାପାଇଁ ପ୍ରବର୍ତ୍ତାଇ ଥିଲେ । ମାତ୍ର ଓଡ଼ିଶାର ଉନ୍ନତି ପାଇଁ ବର୍ଷକୁ ୮୦ ଲକ୍ଷ ଟଙ୍କା ଦିଅନ୍ତୁ ବୋଲି ମୁଁ ଜିଦ୍ ଧରିଥିଲି । କିନ୍ତୁ ଭୁବନାନନ୍ଦ ବାବୁ ମତେ ଆସେମ୍ବ୍ଲି ଭିତରେ ବହୁତ ମତାଇଲେ ଏବଂ ଏଇ ସର୍ତ୍ତରେ ରାଜି ହେବା ପାଇଁ କହିଲେ । ମୁଁ ବାଧ୍ୟ ହୋଇ ଅର୍ଥ ସଚିବଙ୍କ ଆଗରେ ହଁ କଲି । ଏ ୧୯୩୩–୩୪ ସାଲର କଥା । ସେଥିରେହିଁ ଓଡ଼ନେଲ କମିଟି ରିପୋର୍ଟ ଅନୁସାରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ସଙ୍ଗେ ଜୟପୁରକୁ ମିଶାଇ ଓଡ଼ିଶା ପ୍ରଦେଶ ଗଢ଼ା ହେବାର ଇଂରେଜ ସରକାର ସ୍ଥିର କଲେ । ୧୯୩୬ ମସିହା ଏପ୍ରିଲ ପହିଲାରେ ତାହା କାର୍ଯ୍ୟକାରୀ ହେଲା ।" ( ଆତ୍ମଜୀବନୀ ୨୯୬–୨୯୭ ପୃଷ୍ଠା )

ପ୍ରଦେଶ ଗଠନ ପରେ ପରେ ବହୁ ବିଶିଷ୍ଟ ନେତା ଓ ରାଜନୀତିଜ୍ଞଙ୍କର ଆଶଙ୍କା ଓ ବାରଣ ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠ ପ୍ରାଦେଶିକ କଂଗ୍ରେସର

Digitized by PPRACHIN, SOA

ସଭାପତି ଭାବରେ କଂଗ୍ରେସକୁ ୧୯୩୭ ମସିହା ଭୋଟ ଲଢ଼େଇରେ ଠିଆ କରାଇଲେ । ତାଙ୍କର ନିର୍ବାଚନ କୌଶଳ ଓ ପ୍ରଚାର ପରିପାଟି ଏପରି ସମୟୋପଯୋଗୀ ଓ ହୃଦୟସ୍ପର୍ଶୀ ଥିଲା ଯେ ସମଗ୍ର ଓଡ଼ିଶାରେ ରାଜା ଜମିଦାରମାନଙ୍କର ସେତେବେଳର ପୂର୍ଣ୍ଣ ପ୍ରାଧାନ୍ୟ ଥିଲା ଏବଂ ନୂଆ ହୋଇ ନୂତନ ପ୍ରଦେଶରେ ମିଶିଥିବା ଗଞ୍ଜାମ, କୋରାପୁଟ, ଫୁଲବାଣୀ, ସମ୍ବଲପୁର ପ୍ରଭୃତି ଅଞ୍ଚଳମାନଙ୍କରେ ପୂର୍ବରୁ ଆମର ସେପରି କିଛି ପ୍ରଚାର ନଥିବା ଅବସ୍ଥାରେ ମଧ୍ୟ ନୀଳକଣ୍ଠ ସାରା ଭାରତର ପ୍ରଦେଶମାନଙ୍କ ଭିତରେ ପ୍ରଥମ କରି ଓଡ଼ିଶାରେ ହୋଇଥିବା ନିର୍ବାଚନରେ କଂଗ୍ରେସକୁ ଅପ୍ରତ୍ୟାଶିତ ବିଜୟ ଆଣି ଦେଲେ, ଯେଉଁଥିପାଇଁ ଭାରତର ତୁଙ୍ଗ ନେତାମାନେ "ସାବାସ ଓଡ଼ିଶା" କହି ତାଙ୍କୁ ସମ୍ବର୍ଦ୍ଧନା କରିଥିଲେ ।

ଓଡ଼ିଶା ପ୍ରଦେଶ ଗଠନ ପରେ ଶିକ୍ଷାର ପ୍ରସାର ଲାଗି ନୀଳକଣ୍ଠ ଉତ୍କଳ ବିଶ୍ୱବିଦ୍ୟାଳୟର ପରିକଳ୍ପନା କଲେ ଏବଂ ରାଜ୍ୟର ତତ୍କାଳୀନ ପାରଳା ସରକାରଙ୍କ ଅର୍ଥାଭାବରେ ଦୋହାଇ ସହିତ ଦୃଢ଼ ମୁକାବିଲା କରି ନାନା ବଳିଷ୍ଠ ଯୁକ୍ତି ସାହାଯ୍ୟରେ ଏହା ଅବଶ୍ୟ କରଣୀୟ ବୋଲି ପ୍ରତିପାଦନ କଲେ । ଶେଷରେ ୧୯୪୩ ମସିହାର ନିଜ ପ୍ରତିଷ୍ଠିତ ମନ୍ତ୍ରୀମଣ୍ଡଳର ଶିକ୍ଷା ମନ୍ତ୍ରୀ ପଣ୍ଡିତ ଗୋଦାବରୀଶଙ୍କ ଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଇଲେ ।

ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଉଦ୍ୟମ କରିଥିବା ନେତୃବର୍ଗଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ଓଡ଼ିଶା ପ୍ରଦେଶ ଗଠନ ବେଳକୁ ଇହଧାମରେ ନଥିଲେ । ସ୍ୱତନ୍ତ୍ର ପ୍ରଦେଶ ଗଠନର ଅନ୍ୟତମ ପ୍ରଧାନ ସହଯୋଗୀ ପାରଳାଖେମୁଣ୍ଡି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ପଣ୍ଡିତ ନୀଳକଣ୍ଠ ୧୯୪୩ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ପଣ୍ଡିତ ଗୋଦାବରୀଶଙ୍କୁ ଶିକ୍ଷାମନ୍ତ୍ରୀ ପଦରେ ଅଧିଷ୍ଠିତ କରାଇ ସେମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ଯାଇଛନ୍ତି ।

ଏହି ଦେଶପ୍ରାଣ ଜନନେତାମାନଙ୍କ ସହିତ ଓଡ଼ିଶା ପ୍ରଦେଶର ଅନ୍ୟତମ ସ୍ରଷ୍ଟା ରୂପେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାବାସୀଙ୍କର ଚିର ନମସ୍ୟ ହୋଇ ରହିଥିବେ ।

'ସମାଜ'—ତା ୧ । ୪ । ୮୦

Digitized by PPRACHIN, SOA

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ନୀଳକଣ୍ଠ

ଡ଼ଃ ନିବେଦିତା ମହାନ୍ତି

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଯେଉଁମାନଙ୍କର ଅବଦାନ ଅବିସ୍ମରଣୀୟ ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସ ଅନ୍ୟତମ । ନିଜର ବ୍ୟକ୍ତିଗତ ସ୍ୱାର୍ଥ, ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଓଡ଼ିଆ ଜାତିର ଉନ୍ନତି ଏବଂ ତା'ର ଭବିଷ୍ୟତ ସୁରକ୍ଷା ଲାଗି ଯେଉଁ କେଇଜଣ ଏ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଆଗେଇ ଆସିଥିଲେ ସେମାନଙ୍କ ମଧ୍ୟରେ ନୀଳକଣ୍ଠ ଥିଲେ ଅଗ୍ରଗଣ୍ୟ । ଅନ୍ଧ ବିଶ୍ୱାସ ଓ ଦାରିଦ୍ର୍ୟର ମହାସମୁଦ୍ର ଭିତରୁ ନିଜର ଦେଶବାସୀଙ୍କୁ ଉଦ୍ଧାର କରିବା ପାଇଁ ସଂଗ୍ରାମ ଚଳାଇବା ବେଳେ ସମାଜର ବିଦ୍ରୂପ, କଟୂକ୍ତି ଏବଂ ନିଜ ଦ୍ୱାରରେ ଦେଖାଦେଇଥିବା ସମସ୍ତ ସମସ୍ୟାକୁ ଗରଳ ପରି ପାନକରି ସେ ତାଙ୍କର ନାମର ସାର୍ଥକତା ଯଥାର୍ଥରେ ପ୍ରତିପାଦନ କରିଥିଲେ ।

ଊନବିଂଶ ଶତାବ୍ଦୀର ଆରମ୍ଭର ଇତିହାସ ଦେଖିଲେ ଜଣାପଡ଼େ ଯେ ସେତେବେଳକୁ ଓଡ଼ିଶାର ରାଜନୈତିକ ଅବୟବ ଖଣ୍ଡ ବିଖଣ୍ଡିତ । ଦକ୍ଷିଣରେ ମାନ୍ଦ୍ରାଜ ପ୍ରଦେଶରେ, ପଶ୍ଚିମରେ ସେଣ୍ଟ୍ରାଲ ପ୍ରୋଭିନ୍ସରେ, ଉତ୍ତରରେ ବଙ୍ଗ ପ୍ରଦେଶରେ ତାର ବିଭିନ୍ନ ଅଂଶ ଅନ୍ତର୍ଭୁକ୍ତ ହୋଇ ରହିଥିଲା । ଉପକୂଳବର୍ତ୍ତୀ ଅଞ୍ଚଳ କଟକ, ପୁରୀ, ବାଲେଶ୍ୱର ଜିଲ୍ଲା ନାମରେ ଅଭିହିତ ହୋଇ ବଙ୍ଗ ପ୍ରଦେଶାଧୀନ ଥିଲା । ଗଡ଼ଜାତ ରାଜ୍ୟମାନେ ଇଂରେଜ ସରକାରଙ୍କ ସହ ସେମାନଙ୍କର ନିଜସ୍ୱ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ଅନେକ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲେ । ଏ ରାଜ୍ୟର ଗୌରବମୟ ଅତୀତର କାହାଣୀ ଲୋକ ମୁଖରୁ ସେତେବେଳକୁ ପ୍ରାୟ ଲୁପ୍ତ ହୋଇ ଯାଇଥିଲା । କିନ୍ତୁ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଭାରତବର୍ଷର ଅନ୍ୟ ଅଞ୍ଚଳ ପରି ଓଡ଼ିଆବାସୀଙ୍କ ଭିତରେ ମଧ୍ୟ ଏକ ଜାତୀୟ ଜାଗରଣର ସୂଚନା ମିଳିଥିଲା । ମାତୃଭାଷା ମାଧ୍ୟମରେ ଶିକ୍ଷା ଏବଂ କେତେକ ସ୍କୁଲ ସ୍ଥାପନ ପରି ସରକାରୀ ପଦକ୍ଷେପ ଏ ଦିଗରେ କିଛି କିଛି ସାହାଯ୍ୟ କରିଥିଲା । ସାମାଜିକ ଏବଂ ସାଂସ୍କୃତିକ ସଂସ୍ଥାମାନେ ମଧ୍ୟ ସକ୍ରିୟ ହେବାକୁ ଆରମ୍ଭ କରିଥିଲେ । ଛାପାଖାନାମାନ ପ୍ରତିଷ୍ଠିତ ହୋଇଥିଲା ଏବଂ ଭିନ୍ନ ଭିନ୍ନ ପତ୍ର ପତ୍ରିକା ମାଧ୍ୟମରେ ସମ ଚିନ୍ତାଧାରାର ବିନିମୟ ଘଟିବାର ସୁଯୋଗ

Digitized by PPRACHIN, SOA

ଆସିଥିଲା । ଶିକ୍ଷିତ ଓଡ଼ିଆ ଯୁବକଙ୍କ ମଧ୍ୟରେ ଏକ ନୂତନ ଜାତୀୟ ଭାବଧାରାର ପ୍ରବାହ ପରିଲକ୍ଷିତ ହୋଇଥିଲା । ସେମାନେ ଅନୁଭବ କଲେ ଯେ ଓଡ଼ିଶାର ଯେଉଁ ରାଜନୈତିକ ବିକୃତି ଘଟିଛି, ତାହାର ଉପଯୁକ୍ତ ବ୍ୟବସ୍ଥା ନକଲେ ତଥା ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନ ଅଞ୍ଚଳକୁ ଏକତ୍ରିତ କରି ଏକ ଶାସନାଧୀନ ନକଲେ ଭାରତ ମାନଚିତ୍ରରୁ ଅଚିରେ ଏ ଜାତିର ସ୍ଥିତି ଅପସରି ଯିବ । ଏହି ଚିନ୍ତାଧାରା ଏକ ଆନ୍ଦୋଳନର ସୂତ୍ରପାତ କଲା, ଯାହାକି ଓଡ଼ିଆ ଜାତୀୟ ଆନ୍ଦୋଳନ ନାମରେ ଅଭିହିତ ହେଲା ।

ସେହି ସମୟରେ ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଅଗଷ୍ଟ ୫,୧୮୮୪ଖ୍ରୀ.ଅ.ରେ ପଣ୍ଡିତ ନୀଳକଣ୍ଠଙ୍କର ଜନ୍ମ । ଏକ ସମ୍ଭ୍ରାନ୍ତ ଏବଂ ଇଂରାଜୀ ଶିକ୍ଷା ପ୍ରତି ବିମୁଖ ଏବଂ ଅର୍ଥନୈତିକ ସ୍ୱଚ୍ଛଳତା ହରାଇଥିବା ପରିବାରରେ ଜନ୍ମଗ୍ରହଣ କରି ନୀଳକଣ୍ଠ ନିଜର ଶିକ୍ଷାଲାଭ କରିବା ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ସେଥିରେ ହତାଶ ନହୋଇ ଏବଂ ପ୍ରତ୍ୟେକ ବାଧାବିଘ୍ନକୁ ଏଡ଼େଇ ସେ ପରିଶେଷରେ ବିଶ୍ୱ-ବିଦ୍ୟାଳୟର ସର୍ବୋଚ୍ଚ ଉପାଧି ଏମ୍ ଏ ମଧ୍ୟ ଲାଭ କରିଥିଲେ ।

ଓଡ଼ିଆ ଜାତୀୟ ଆନ୍ଦୋଳନରେ ନୀଳକଣ୍ଠଙ୍କର ଭୂମିକାକୁ ଦୁଇଟି ଭାଗରେ ବିଭକ୍ତ କରାଯାଇପାରେ; ପ୍ରଥମ ସତ୍ୟବାଦୀରେ ଶିକ୍ଷକତା ସମୟ, ଯେତେବେଳେ ସେ ସମାଜର ସଂସ୍କାର ଆଦି କାର୍ଯ୍ୟକଳାପ ଦ୍ୱାରା ପରୋକ୍ଷ ଭାବରେ ଏହି ଆନ୍ଦୋଳନକୁ ସୁଦୃଢ଼ କରି-ଥିଲେ, ଦ୍ୱିତୀୟରେ ପ୍ରତ୍ୟକ୍ଷ ଭାବେ ରାଜନୀତିରେ ନେତୃତ୍ୱ ।

## ସମାଜ ସଂସ୍କାର ଓ ଜାତୀୟତାବାଦ

ପ୍ରତ୍ୟେକ ଜାତୀୟ ଆନ୍ଦୋଳନର ବୈଶିଷ୍ଟ୍ୟ ହେଉଛି ଯେ ଏହା ରାଜନୈତିକ ଜଡ଼ତାରେ ଜୀବନ୍ୟାସ ଦେବା ସଙ୍ଗେ ସଙ୍ଗେ ସାମାଜିକ, ଶିକ୍ଷାଗତ ଏବଂ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଉନ୍ମେଷ ଆଣିଥାଏ ।

ଉତ୍କଳମଣି ଗୋପବନ୍ଧୁ ଓଡ଼ିଶାର ଶିକ୍ଷା, ସଂସ୍କୃତି ଏବଂ ସାମାଜିକ ଜୀବନର ଉନ୍ନତି ବିଷୟରେ ନୀଳକଣ୍ଠଙ୍କ ସହ ଆଲୋଚନା କରି ତାଙ୍କ ପରାମର୍ଶ ନେଉଥିଲେ । ଭାରତୀୟ ଆର୍ଯ୍ୟ ସମାଜ ଧାଂଚରେ ପ୍ରାଚ୍ୟର ସଂସ୍କୃତି ଏବଂ ପାଶ୍ଚାତ୍ୟର ପ୍ରଗତିଶୀଳ ଚିନ୍ତା-ଧାରାକୁ ସମ୍ମିଳିତ କରି ଏକ ନୂତନ ଶିକ୍ଷା ପଦ୍ଧତି ଗଢ଼ିବାକୁ ସେମାନେ ଇଚ୍ଛା କରିଥିଲେ । ଏହି ଶିକ୍ଷା କେବଳ ପୋଥିଗତ ନ ହୋଇ ଛାତ୍ରମାନଙ୍କୁ ଭବିଷ୍ୟତରେ ସମାଜର ଉପଯୁକ୍ତ ନାଗରିକ କରି ଗଢ଼ି ତୋଳିବାରେ ସାହାଯ୍ୟ କରିବ ବୋଲି

Digitized by PPRACHIN, SOA

ସେମାନେ ବର୍ଜ୍ଜନ କରିଥିଲେ । ଏହି କଳ୍ପନାକୁ ରୂପ ଦେଲେ ନୀଳକଣ୍ଠ ସତ୍ୟବାଦୀ ବନ ବିଦ୍ୟାଳୟ ମାଧ୍ୟମରେ । ଭବିଷ୍ୟତରେ ଏହି ବିଦ୍ୟାଳୟଟି ଏକ 'ମଣିଷ ତିଆରି କାରଖାନା' ଭାବରେ ବିଖ୍ୟାତ ହେଲା ।

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଛାତ୍ରାବାସର ଛାତ୍ର ଓ ଶିକ୍ଷକଗଣ ଏକ ପଂକ୍ତିରେ ବସି ଭୋଜନ କରୁଥିଲେ । ଏହି ଆୟୋଜନ ରକ୍ଷଣଶୀଳ ବ୍ରାହ୍ମଣମାନଙ୍କ ପାଇଁ ଅସହ୍ୟ ହୋଇଥିଲା । ସେମାନେ ବାରମ୍ବାର ଏପରି ପଙ୍କ୍ତିକୁ ଉଠେଇ ଦେବାକୁ ଅନୁରୋଧ କରିଥିଲେ । ନୀଳକଣ୍ଠ ଏଥିରେ ରାଜି ନ ହେବାରୁ ତାଙ୍କୁ ସମାଜରୁ ବହିଷ୍କାର କରି-ଦେବାର ଭୟ ଦେଖାଇଥିଲେ । ନୀଳକଣ୍ଠ ଏହାକୁ ଭଲେ ହେଲେ ଭ୍ରୂକ୍ଷେପ କରି ନଥିଲେ । ବରଂ ସତ୍ୟବାଦୀ ବନବିଦ୍ୟାଳୟର ଶାଖାରୂପେ କାଦୁଆଠାରେ ହରିଜନ-ମାନଙ୍କ ପାଇଁ ଏକ ବିଦ୍ୟାଳୟ ଖୋଲି ସେଠାକୁ ଶିକ୍ଷକମାନଙ୍କୁ ଧରି ଶିକ୍ଷା ଦେବାକୁ ଯାଉଥିଲେ । ଗାଁମାନଙ୍କରେ ସଂକ୍ରାମକ ରୋଗ ତଥା ହଇଜା ଇତ୍ୟାଦି ବ୍ୟାପିଲାବେଳେ ଛାତ୍ରମାନଙ୍କୁ ଧରି ଗାଁ ଗାଁ ବୁଲି ଜାତି ଧର୍ମ ନିର୍ବିଶେଷରେ ସେବା କାର୍ଯ୍ୟ କରୁଥିଲେ । ଏଥିରେ ସମାଜର ତଥାକଥିତ ଧର୍ମରକ୍ଷକ ବ୍ରାହ୍ମଣମାନେ ଉତ୍ତ୍ୟକ୍ତ ହୋଇ ସତ୍ୟବାଦୀ ସ୍କୁଲରେ ନିଆଁ ଲଗାଇ ଦେଇଥିଲେ । ହେଥିରେ ମଧ୍ୟ ନୀଳକଣ୍ଠ ଓ ତାଙ୍କ ସହକର୍ମୀ-ଗଣ ବିଚଳିତ ନ ହୋଇ ଛାତ୍ରମାନଙ୍କୁ ନେଇ ନୂତନ ସ୍କୁଲ ଘର ତିଆରି କରିଥିଲେ । (୧)

## ଜାତୀୟତାବାଦୀ ନୀଳକଣ୍ଠ

ଛାତ୍ରମାନଙ୍କ ମଧ୍ୟରେ ଗଣତନ୍ତ୍ର ଏବଂ ଜାତୀୟତାବାଦର ଏକ ପରମ୍ପରା ସୃଷ୍ଟି କରିବାକୁ ନୀଳକଣ୍ଠ ସବୁବେଳେ ଚେଷ୍ଟା କରୁଥିଲେ । ଛାତ୍ରାବାସର ଶୃଂଖଳା ରକ୍ଷା କରିବା ନିମନ୍ତେ ଛାତ୍ରମାନଙ୍କୁ ଯଥେଷ୍ଟ କ୍ଷମତା ଦିଆଯାଇଥିଲା । ଛାତ୍ର ଓ ଶିକ୍ଷକ ଏକ ପରିବାର ପରି ଚଳୁଥିଲେ । ବିଦ୍ୟାଳୟ ଶାସନରେ ଛାତ୍ରମାନଙ୍କ ପରାମର୍ଶ ଉତ୍ତମ ହୋଇଥିଲେ ଗ୍ରହଣ କରାହେଉଥିଲା ।

ଓଡ଼ିଶା ଜାତୀୟ ଆନ୍ଦୋଳନର ଠିକିନିଖି ଖବର ମଧ୍ୟ ସତ୍ୟବାଦୀର ଛାତ୍ର ଓ ଶିକ୍ଷକ ରଖୁଥିଲେ । ୧୯୧୦ରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ନୀଳକଣ୍ଠ ସତ୍ୟ-ବାଦୀରୁ ୬୦ ଜଣ ସ୍ୱେଚ୍ଛାସେବକ ଧରି ଯେପରି ସୁଶୃଙ୍ଖଳିତ ଭାବରେ କାର୍ଯ୍ୟ କରିଥିଲେ, ତାହା ଏକ ଦର୍ଶନୀୟ ବିଷୟ ଥିଲା । (୧)

ନୀଳକଣ୍ଠ ଉପଲବ୍ଧି କରିଥିଲେ ଯେ ଜାତୀୟତାବାଦର ବିକାଶ କେବଳ ବାହ୍ୟିକ ପ୍ରଭାବରୁ ଘଟେନାହିଁ । ବସ୍ତୁତଃ ଏହାଦ୍ୱାରା କୌଣସି ଜାତୀୟ ଆନ୍ଦୋଳନ ବିଶେଷ ଅଗ୍ରସର

Digitized by PPRACHIN, SOA

ହୋଇପାରେ ନାହିଁ । ଜାତୀୟତାବାଦର ପଶତ୍ରକାଶ ହୁଏ ମାନସିକ ଉତ୍କଣ୍ଠା ଓ ଅନ୍ତର୍ନିହିତ ଶକ୍ତିରୁ । ଓଡ଼ିଆ ଯୁବକ ପ୍ରାଣରେ ଏହି ଆତ୍ମ ଚେତନାକୁ ସଜାଗ କରିବା ପାଇଁ ନୀଳକଣ୍ଠ ସେମାନଙ୍କୁ ତାଲିମ ଦେବା ସଙ୍ଗେ ସଙ୍ଗେ ଓଡ଼ିଆ ଐତିହ୍ୟକୁ ସ୍ମରଣ କରି ସାହିତ୍ୟ ସୃଷ୍ଟି ମଧ୍ୟ କରିଥିଲେ । ରାଜନୀତିରେ ପ୍ରତ୍ୟକ୍ଷ ଭାବେ ଭାଗନେବା ପୂର୍ବରୁ ନୀଳକଣ୍ଠଙ୍କର ଏହି ପ୍ରସ୍ତୁତି ଓଡ଼ିଆ ଜାତୀୟ ଆନ୍ଦୋଳନ ପ୍ରତି ଏକ ବଳିଷ୍ଠ ଅବଦାନ ।

## ରାଜନୀତି ଓ ନୀଳକଂଠ

ରାଜନୀତିରେ ନୀଳକଣ୍ଠଙ୍କର ପ୍ରତ୍ୟକ୍ଷ କାର୍ଯ୍ୟକ୍ରମ ଆରମ୍ଭ ହୁଏ ୧୯୨୧ ପରଠାରୁ । ଏହାର ବହୁ ପୂର୍ବରୁ ସେ ଓଡ଼ିଆ ଜାତୀୟତାବାଦ ମନ୍ତ୍ରରେ ଦୀକ୍ଷିତ ହୋଇ ସାରିଥିଲେ । ୧୯୦୩ ଡ଼ିସେମ୍ବର ମାସରେ ଯେତେବେଳେ ମଧୁସୂଦନ ଦାସ ଓଡ଼ିଆ ଜାତୀୟ ଆନ୍ଦୋଳନର ଧାରାକୁ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏକ ସକ୍ରିୟ ରୂପଦେଲେ ଶ୍ରୀଯୁକ୍ତ ନୀଳକଣ୍ଠ ସେତେବେଳେ ସେଥିର ମାତ୍ର ଏକ ଦର୍ଶକ ଥିଲେ । କିନ୍ତୁ ଏହି ୧୪ ବର୍ଷ ବୟସ୍କ ଯୁବକଙ୍କ ମନରେ ଜାତୀୟ ଆନ୍ଦୋଳନର ଗଭୀର ପ୍ରଭାବ ପଡିଥିଲା । (୩) ବହୁ ପୂର୍ବରୁ ସେ ଗୋପବନ୍ଧୁଙ୍କର ଦେଶ ସେବା ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ସାରିଥିଲେ । ଏଠାରେ ସେ ମଧୁବାବୁଙ୍କ ଦ୍ୱାରା ପ୍ରଭାବିତ ହେଲେ । ଯୁବକ ନୀଳକଣ୍ଠଙ୍କ ହୃଦୟରେ ଏ ଉଭୟଙ୍କର ଆଦର୍ଶ ଏକ ସମୟରେ ପ୍ରବାହିତ ହେବାକୁ ଲାଗିଲା ।

୧୯୧୯ରେ ନୀଳକଣ୍ଠ ସତ୍ୟବାଦୀରୁ ଯାଇ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ । ୧୯୨୧ରେ ନିଖିଳ ଭାରତ କଂଗ୍ରେସ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବାର ସିଦ୍ଧାନ୍ତ ନେବାରୁ ନୀଳକଣ୍ଠ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଠିକ୍ କଲେ । ସେ ସମ୍ବଲପୁର ଯାଇ ସେଠାରେ ଏକ ଜାତୀୟ ବିଦ୍ୟାଳୟ ସ୍ଥାପନ କଲେ ଏବଂ ବର୍ଜନ ନୀତିର ପ୍ରଚାର ନିମନ୍ତେ 'ସେବା' ନାମକ ଏକ ପତ୍ରିକା ସଂପାଦନା କଲେ । (୪) ତା'ପରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ସତ୍ୟାଗ୍ରହର ନେତୃତ୍ୱ ନେଇ ସେ କାରାବରଣ କଲେ । ୧୯୨୨ରେ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହୃତ ହେବାପରେ ନୀଳକଣ୍ଠ ଜେଲରୁ ମୁକ୍ତ ହେଲେ ।

## ଓଡ଼ିଆ ଜାତୀୟ ଆନ୍ଦୋଳନରେ ଯୋଗଦାନ—କାକିନାଡ଼ା କଂଗ୍ରେସ

ଏହା ପରେ ପରେ ସେ ଓଡ଼ିଆ ଜାତୀୟ ଆନ୍ଦୋଳନ ସଂଗଠନରେ ମନୋ-ନିବେଶ କଲେ । ଏତିକିବେଳେ କାକିନାଡ଼ାଠାରେ ନିଖିଳ ଭାରତ କଂଗ୍ରେସ କମିଟିର

Digitized by PPRACHIN, SOA

ଅଧିବେଶନରେ ଯୋଗଦେଲେ ଏବଂ ତାଙ୍କର ଚେଷ୍ଟା ଫଳରେ ଏଠାରେ ନିଷ୍ପତ୍ତି ନିଆ-ହେଲା ଯେ ଆନ୍ଧ୍ର ଉତ୍କଳ ସୀମା ୧୯୨୪ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଚିହ୍ନିତ ହେବ। ରାଜଗୋପାଳାଚାରୀଙ୍କ ସଭାପତିତ୍ୱରେ ଏକ ସନ୍ଧି ସଭା ଗଠିତ ହେଲା ଏବଂ ଏଥିରେ ଉତ୍କଳରୁ ନୀଳକଣ୍ଠ ଓ ନିରଞ୍ଜନ ପଟ୍ଟନାୟକ ଏବଂ ଆନ୍ଧ୍ରରୁ ପଟ୍ଟାଭି ସୀତାରାମାୟା ଓ ଭେଙ୍କଟ ସୀତା ନାରାୟଣ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ। (୫) କୌଣସି କାରଣବଶତଃ ରାଜଗୋପାଳାଚାରୀ ଏଥିରୁ ଇସ୍ତଫା ଦେବାରୁ ନିଖିଳ ଭାରତ କାର୍ଯ୍ୟକାରୀ ସମିତି ରାଜେନ୍ଦ୍ର ପ୍ରସାଦଙ୍କୁ ଏହି ସଭାର ସଭାପତି ଭାବେ ନିର୍ବାଚିତ କରିଥିଲେ। (୬) ଏହି ସଭା ମାଧ୍ୟମରେ କିନ୍ତୁ କୌଣସି ସମାଧାନ ସମ୍ଭବ ହୋଇ ପାରି ନ ଥିଲା।

## କେନ୍ଦ୍ର ବ୍ୟବସ୍ଥା ସଭାରେ ସ୍ୱତନ୍ତ୍ର ପ୍ରଦେଶ ଦାବୀ .

୧୯୪୨ରେ ନୀଳକଣ୍ଠ କେନ୍ଦ୍ର ମହାସଭାରେ ଯୋଗ ଦେଇଥିଲେ। ଏହି ସଭାର ସଭ୍ୟ ଭାବେ ସେ ଓଡ଼ିଶାର ବହୁ ସମସ୍ୟା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଗୋଚର କରାଇ-ବାକୁ ଚେଷ୍ଟା କରୁଥିଲେ। ତାଙ୍କର ଯୋଗୁ ହିଁ ୧୯୨୭ ଫେବୃଆରୀ ୮ ତାରିଖ ଓଡ଼ିଶା ଜାତୀୟ ଆନ୍ଦୋଳନ ଇତିହାସର ଏକ ସ୍ମରଣୀୟ ଦିବସ ବୋଲି ଧରାହୁଏ। ସେଦିନ ନୀଳକଣ୍ଠ କେନ୍ଦ୍ର ମହା ସଭାରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀକୁ ଉପସ୍ଥାପନା କରିଥିଲେ। ସେତେବେଳେ ଓଡ଼ିଆ ଜାତୀୟ ଆନ୍ଦୋଳନର ନେତୃବୃନ୍ଦ କେବଳ ଉପାନ୍ତ ଅଞ୍ଚଳ ଦାବୀକୁ ହିଁ ଅଗ୍ରାଧିକାର ଦେଉଥିଲେ। କିନ୍ତୁ ନୀଳକଣ୍ଠ ଦାବୀ କଲେ ଯେ କେବଳ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଯଥେଷ୍ଟ ନୁହେଁ, ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ଦେବା ଆବଶ୍ୟକ। (୭)ନୀଳକଣ୍ଠଙ୍କର ଏହି ପ୍ରସ୍ତାବକୁ ମଧ୍ୟପ୍ରଦେଶର ଡାକ୍ତର ମୁଞ୍ଜି, ବଙ୍ଗଳାର ଅମର ନାଥ ଦତ୍ତ ଓ ମାନ୍ଦ୍ରାଜର ସଭ୍ୟ ରଙ୍ଗା ଆୟାର ସମର୍ଥନ କଲେ। ମୁସଲମାନ ଗୋଷ୍ଠୀ ପ୍ରଥମେ ଏହାକୁ ନରମ ବିରୋଧ କରୁଥିଲେ ମଧ୍ଯ ପରେ ଏହାକୁ ସମର୍ଥନ କରିଥିଲେ। (୮)

ନୀଳକଣ୍ଠଙ୍କର ଏହି ଦାବୀ ପରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନ ଏକ ପ୍ରତ୍ୟକ୍ଷ ରୂପ ନେଇଥିଲା। ଷ୍ଟେଟସ୍‌ମ୍ୟାନରେ ତାଙ୍କର ଦେଇଥିବା 'ବକ୍ତୃତା' ବିଷୟରେ ଏକ 'ଅଗ୍ରଲେଖା' ମଧ୍ୟ ବାହାରି ଥିଲା। ନୀଳକଣ୍ଠ ସେହି ସମୟରେ 'ବମ୍ବେ ସମାଚାର'ର କଂଗ୍ରେସ ସଂଖ୍ୟାରେ 'Our Linguistic Provinces' ବୋଲି ଗୋଟିଏ

Digitized by PPRACHIN, SOA

ପ୍ରବନ୍ଧ ଲେଖିଥିଲେ । ସେ ସମୟର ଅର୍ଥ ସଚିବ Muddy man ନୀଳକଣ୍ଠଙ୍କୁ ଏକ ପତ୍ର ଦ୍ୱାରା ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ଆଶ୍ୱାସନା ଦେଇଥିଲେ ଏବଂ ନୀଳକଣ୍ଠଙ୍କୁ ସେହି ଦିଗରେ ଚେଷ୍ଟିତ ହେବାକୁ ବୁଝାଇଥିଲେ । (୯)

## କଂଗ୍ରେସ ସଙ୍ଗଠନ ମଧ୍ୟରେ ନୀଳକଣ୍ଠଙ୍କ ଉଦ୍ୟମ

ଏହା ପରେ ନୀଳକଣ୍ଠ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆନ୍ଦୋଳନର ପୂର୍ଣ୍ଣ ସମର୍ଥନ ପାଇବା ପାଇଁ କଂଗ୍ରେସରେ ମଧ୍ୟ ଏହି ବିଷୟ ଉତ୍‌ଥାପନ କରିଥିଲେ । ସେତେବେଳେ 'ସାଇମନ କମିଶନ'ଙ୍କୁ ବର୍ଜନ କରି କଂଗ୍ରେସ ଏକ ସର୍ବଦଳ ସମ୍ମିଳନୀ ଗଢ଼ିଥାଏ । ସେହି ସର୍ବଦଳ ସମ୍ମିଳନୀରେ ଓଡ଼ିଶାର ପ୍ରତିନିଧିତ୍ୱ କଲେ ନୀଳକଣ୍ଠ, ଜୀବନାନନ୍ଦ ଦାସ ଓ ରାଜକୃଷ୍ଣ ବୋଷ । (୧୦) 'ସର୍ବଦଳ ସମ୍ମିଳନୀ' କିନ୍ତୁ ଯେତେବେଳେ ଏହାର ରିପୋର୍ଟ ତିଆରି କଲେ (ଯାହାକି 'ନେହେରୁ କମିଟି ରିପୋର୍ଟ' ନାମରେ ଖ୍ୟାତ) ସେଥିରେ ଉଲ୍ଲିଖିତ ହେଲା ଯେ ଓଡ଼ିଶାର ଆର୍ଥିକ ଅବସ୍ଥା ଯଦି ଅନୁକୂଳ ସୂଚନା ଦିଏ ତେବେ ଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ କରିବାର ପ୍ରସ୍ତାବକୁ ସମର୍ଥନ କରାଯାଇ ପାରେ । ଏଭଳି ବିବରଣୀ ପଢ଼ି ଓଡ଼ିଶାର ଜନସାଧାରଣ ଅତ୍ୟନ୍ତ ନିରାଶ ହେଲେ । ଏହା ଉପରେ ମନ୍ତବ୍ୟ ଦେଇ ଗୋଟିଏ ସମ୍ବାଦ ପତ୍ର ଲେଖିଲେ ଯେ ନେହେରୁ କମିଟି ରିପୋର୍ଟରେ ଓଡ଼ିଶା ସମ୍ପର୍କରେ ସେମାନେ ଯାହା ନିର୍ଦ୍ଧାରଣ କରିଥିଲେ ତାହା କଦାଚ ଓଡ଼ିଶାର ମଙ୍ଗଳ ପାଇଁ ନୁହେଁ । (୧୧)

## କଲିକତା କଂଗ୍ରେସ ଅଧିବେଶନରେ ସଂଶୋଧନ ପ୍ରସ୍ତାବ

ସେହି ସମ୍ପର୍କରେ ଗୋଟିଏ ସଂଶୋଧନ ପ୍ରସ୍ତାବ ଆଗତ କରିବା ନିମନ୍ତେ କଲିକତାରେ ହେଉଥିବା ସର୍ବଦଳ ସମ୍ମିଳନୀର ବିଷୟ-ନିର୍ବାଚନ କମିଟିରେ ନୀଳକଣ୍ଠଙ୍କ ସହ ନିରଞ୍ଜନ ପଟ୍ଟନାୟକ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ସେହି ସମ୍ପର୍କରେ ସଭାପତି (ମୋତିଲାଲ ନେହେରୁ) ଅନୁମତି ନ ଦେବାରୁ ନୀଳକଣ୍ଠଙ୍କ ନିର୍ଦ୍ଦେଶରେ ଓଡ଼ିଶାର ସମସ୍ତ ସଭ୍ୟ ଏହି ସଭା ବର୍ଜନ କରିଥିଲେ ଓ ତହିଁ ପରଦିନ କଲିକତାରେ ଏକ ପଟୁଆର କରି ରାସ୍ତାରେ ତାଙ୍କ ଦାବୀ ଘୋଷଣା କରି ଯାଇଥିଲେ । ମହାତ୍ମାଗାନ୍ଧୀଙ୍କ ହସ୍ତକ୍ଷେପ ଫଳରେ ପୁଣି ସବୁ ମିଟ ମାଟ ହୋଇଯାଇଥିଲା । (୧୨) କିନ୍ତୁ ଏହି ଘଟଣା ଓଡ଼ିଶାରେ ବହୁ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ବିଶେଷତଃ ନରମପନ୍ଥୀ ଦଳ (୧୩) ଯେଉଁମାନେ ଇଂରେଜ ରାଜ ସହ ସାଲିସ କରି ଓଡ଼ିଶା ପ୍ରଦେଶ ଗଠନ କରିବେ ବୋଲି ଭାବୁଥିଲେ ସେମାନେ କଂଗ୍ରେସ ବିରୁଦ୍ଧରେ ସେମାନଙ୍କର ଦୃଢ଼ ଉତ୍ତୋଳନ କରିଥିଲେ ଏବଂ ନୀଳକଣ୍ଠଙ୍କୁ ବ୍ୟଙ୍ଗ କରିଥିଲେ । ଏହାର ଉତ୍ତରରେ ନୀଳକଣ୍ଠ କହିଥିଲେ:

Digitized by PPRACHIN, SOA

"ଏଥିରେ ସେପରି କିଛୁ ମନୋମାଳିନ୍ୟ ନାହିଁ, ଯାହା ଆମେ ମନେ ରଖି ଥାଆନ୍ତୁ।...
ଆମର ଆଶା ଯେ ଉତ୍କଳର ସ୍ୱତନ୍ତ୍ର ପ୍ରଦେଶ ଦାବୀକୁ କଂଗ୍ରେସ ନିଜ ବିଧିବିଧାନରେ
ଗୋଟିଏ ଅଚ୍ଛିନ୍ନ ସମସ୍ୟା ରୂପେ ଗ୍ରହଣ କରିବ" (୧୪)

## ଏହାର ପ୍ରତିକ୍ରିୟା

ନୀଳକଣ୍ଠଙ୍କର କଂଗ୍ରେସ ଅନୁଷ୍ଠାନରେ ଏଭଳି ବିଶ୍ୱାସକୁ କିନ୍ତୁ ନରମପନ୍ଥୀମାନେ ଗ୍ରହଣ କରିବାକୁ ଆଦୌ ପ୍ରସ୍ତୁତ ନଥିଲେ। ଏକ ମୁଖପତ୍ର ମନ୍ତବ୍ୟ ଦେଲେ "୧୯୨୮ ମସିହାରେ ପଣ୍ଡିତ ନୀଳକଣ୍ଠ ଏହି ଏକୀକରଣ ପ୍ରସ୍ତାବକୁ ବାଡି ଯେଉଁ ସମ୍ବର୍ଦ୍ଧନା ଓ ସତ୍କାର ପାଉଥିଲେ, ତାହା ଓଡ଼ିଆଙ୍କ ମନରୁ ଲିଭିବାର ନୁହେଁ। କଂଗ୍ରେସ ମଞ୍ଚରୁ ଗୃପୂଜା ଖାଇ ଘରକୁ ଆସି କବାଟ କଲା। ଆଉଁସା ପାଇବା ଦ୍ୱାରା ଅବଶ୍ୟ ନୀଳକଣ୍ଠଙ୍କର ନିଜ ଦରଜ ଉଭେଇ ଯାଇଥିବ; କିନ୍ତୁ ଜାତିର ଅନ୍ତରରୁ ଏ ଦାଗଟା ସହଜରେ ଲିଭିବ ନାହିଁ। (୧୫) ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କଂଗ୍ରେସ ପ୍ରତି କେତେକ ଓଡ଼ିଆ ନେତାଙ୍କର ଆକ୍ଷେପ ଅନୁମେୟ ହେଲେ ମଧ୍ୟ ବ୍ୟକ୍ତିଗତ ଭାବେ ନୀଳକଣ୍ଠଙ୍କ ପ୍ରତି ଏହା ଉଦ୍ଦିଷ୍ଟ ହେବା ସମିଚୀନ ନୁହେଁ।

## ନୀଳକଣ୍ଠ ସବୁଥିରେ ଆଗୁଆ

ନୀଳକଣ୍ଠ ନିଜକୁ କୌଣସି ଦଳର ଅନ୍ତର୍ଭୁକ୍ତ ନଭାବି, ଓଡ଼ିଆ ଜାତୀୟ ଆନ୍ଦୋଳନକୁ ସଜାଗ ଏବଂ ସକ୍ରିୟ ରଖିବାକୁ ଯେଉଁ ଯେଉଁ ପନ୍ଥା ତଥା କାର୍ଯ୍ୟକ୍ରମର ପ୍ରୟୋଜନ ଥିଲା, ତାହାକୁ ସେ ଅତ୍ୟନ୍ତ ଆବେଗର ସହ ଅନୁଧାବନ କରୁଥିଲେ। ମଧୁସୂଦନଙ୍କର ଓଡ଼ିଆ ଦେଶପ୍ରୀତି ସେ ନିଜର ଆଦର୍ଶ ମଣୁଥିଲେ। ଗୋପବନ୍ଧୁଙ୍କର ମହାଭାରତୀୟ ଭାବଧାରାକୁ ସେ ସମ୍ମାନ କରୁଥିଲେ। ଏହି ଦୁଇ ଭାବଧାରା କିପରି ପରସ୍ପର ବିରୋଧୀ ନହୋଇ ପରିପୂରକ ହୋଇ ପାରିବ ସେହି ଦିଗରେ ସେ କାର୍ଯ୍ୟ କରୁଥିଲେ। ୧୯୨୮ରେ ଗୋପବନ୍ଧୁ ସ୍ୱର୍ଗାରୋହଣ କଲେ। ମଧୁବାବୁ ସେତେବେଳକୁ ଅଶୀତିକ୍ରମ। ତେଣୁ ସେମାନଙ୍କର ଉପଯୁକ୍ତ ଦାୟାଦ ହୋଇ ସେମାନେ ଦେଖେଇ ଯାଇଥିବା ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବାହିଁ ନିଜ ଜୀବନର ପ୍ରଧାନ ଲକ୍ଷ୍ୟ ବୋଲି ସେ ବିଗ୍ଭର କରି ସାରିଥିଲେ। ସେହି ହେତୁ ଓଡ଼ିଆ ଆନ୍ଦୋଳନ ହେଉ ଅଥବା ଭାରତର ସ୍ୱାଧୀନତା ସଂଗ୍ରାମ ହେଉ ସବୁଥିରେ ସେ ଆଗୁଆ ହୋଇ ବାହାରୁଥିଲେ।

Digitized by PPRACHIN, SOA

'ଲବଣ ସତ୍ୟାଗ୍ରହ'ର ପ୍ରାରମ୍ଭ ବେଳକୁ ନୀଳକଣ୍ଠ ବିଶ୍ୱନାଥ ମିଶ୍ରଙ୍କୁ ନିର୍ବାଚନରେ ପରାଜିତ କରି ବଡଲାଟ ବ୍ୟବସ୍ଥା ପରିଷଦର ସଭ୍ୟ ରୂପେ ମନୋନୀତ ହୋଇ ଥାଆନ୍ତି । (୧୬) କିନ୍ତୁ ତାଙ୍କର ଏ ସଭ୍ୟପଦ ଗ୍ରହଣକୁ କଂଗ୍ରେସର ଅନେକ ନେତା ତଥା ଓଡ଼ିଆ ଆନ୍ଦୋଳନର ଚରମପନ୍ଥୀମାନେ ଆଦୌ ସମର୍ଥନ କରୁନଥାନ୍ତି । ପ୍ରାଣକୃଷ୍ଣ ପଡ଼ିଆରୀ ସେହି ସଂକ୍ରାନ୍ତରେ ତାଙ୍କ 'ଏକ ଖୋଲା ଚିଠି' ଉତ୍କଳ ଦୀପିକାରେ ଲେଖିଥିଲେ । ସେଥିରେ ଉତ୍କଳମଣିଙ୍କ ଉତ୍ତରାଧିକାରିତ୍ୱ ଗ୍ରହଣ କରି ଦେଶବାସୀଙ୍କୁ ନେତୃତ୍ୱ ଦେବାକୁ ନୀଳକଣ୍ଠଙ୍କ ଠାରେ ସେ ଦାବୀ କରିଥିଲେ । (୧୭) ନୀଳକଣ୍ଠ କିନ୍ତୁ ଗୋପବନ୍ଧୁ ବାବୁଙ୍କ ପରାମର୍ଶରେ ବ୍ୟବସ୍ଥାସଭା ମାଧ୍ୟମରେ ଇଂରେଜ ଶାସନକୁ ଅଚଳ କରିବା ଉଦ୍ଦେଶ୍ୟରେ C. R. Dasଙ୍କ ନେତୃତ୍ୱରେ ଗଠିତ 'ସ୍ୱରାଜ୍ୟ' ଦଳରେ ଯୋଗଦେଲେ ଓ ସେଥିରୁ ନିର୍ବାଚନ ଲଢ଼ିଥିଲେ ଅନ୍ୟ ଜୀବନୀ···) ନୀଳକଣ୍ଠ ମାତ୍ର ଏକମାସ ବ୍ୟବସ୍ଥାପକ ସଭାରେ ରହିଲା ପରେ ସତ୍ୟାଗ୍ରହ ଆନ୍ଦୋଳନକୁ ବଳବତ୍ତର କରିବା ନିମନ୍ତେ ଫେରି ଆସିଥିଲେ ଏବଂ ୩୦ ମଇ ୧୯୩୦ ରେ ପୁଣି ଗିରଫ ହେଲେ । (୧୮) ଅଳ୍ପ ଦିନ ମଧ୍ୟରେ ଲବଣ ସତ୍ୟାଗ୍ରହ ପ୍ରତ୍ୟାହୃତ ହେଲା ଏବଂ ଗାନ୍ଧୀ ଇର୍ ଉଇନ ଚୁକ୍ତି ସ୍ୱାକ୍ଷରିତ ହେଲା । ତାର ଫଳ ସ୍ୱରୂପ ନୀଳକଣ୍ଠଙ୍କ ସହିତ ସମସ୍ତ ରାଜନୈତିକ ବନ୍ଦୀମାନେ ଖଲାସ ହୋଇଥିଲେ ।

**ସର୍ବଦଳ ସମ୍ମିଳନୀର ସଭାପତି**

ଲବଣ ସତ୍ୟାଗ୍ରହର ଅବସାନ ଓ ଇଂରେଜ ସରକାରଙ୍କ ସହ ଶାନ୍ତି ସ୍ଥାପନ ସଙ୍ଗେ ସଙ୍ଗେ ଓଡ଼ିଶାରେ ନରମ ଓ ଚରମ ପନ୍ଥୀ ଦଳ ମଧ୍ୟରେ ଆପୋଷ ଆଲୋଚନା ଏବଂ ମିଳାମିଶାର ପଥ ସୁଗମ ହୋଇଥିବା ପରି ମନେହୁଏ । ଉଭୟ ଦଳ ଅନୁଭବ କଲେ ଯେ ଓଡ଼ିଶାର ଆନ୍ଦୋଳନ ସୁଦୃଢ଼ କରିବାର ପ୍ରକୃଷ୍ଟ ସମୟ ଆସିଛି । ତାର ଫଳ ସ୍ୱରୂପ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ କାର୍ଯ୍ୟପନ୍ଥା ନିରୂପଣ କରିବା ନିମନ୍ତେ କଂଗ୍ରେସ ଓ ବେ-କଂଗ୍ରେସ ଦଳର ଯେଉଁ ଆଲୋଚନା ସଭା ତା ୬ । ୫ । ୧୯୩୧ରେ କଟକ ରାମଚନ୍ଦ୍ର ଭବନରେ ବସିଥିଲା ସେଥିରେ ଉତ୍କଳର ପ୍ରାୟ ସମସ୍ତ ଅଞ୍ଚଳରୁ ବହୁ ସଂଖ୍ୟକ ପ୍ରତିନିଧି ଯୋଗ ଦେଇଥିଲେ । ନୀଳକଣ୍ଠ ନିଜର ଉଦାରନୀତି, ନିଃସ୍ୱାର୍ଥ ମନୋବୃତ୍ତି ଯୋଗୁଁ ଉଭୟ ଦଳର ବିଶ୍ୱାସଭାଜନ ହୋଇ ପାରିଥିଲେ । ତେଣୁ ସର୍ବଦଳ ସମ୍ମିଳନୀରେ ସଭାପତି କାର୍ଯ୍ୟ ତୁଲାଇବା ନିମନ୍ତେ ସେ'ହିଁ ଉପଯୁକ୍ତ ବିବେଚିତ ହୋଇଥିଲେ । ନୀଳକଣ୍ଠ ନିଜର ବକ୍ତୃତାରେ କହିଥିଲେ, "···ଓଡ଼ିଶାର ଦେଶ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏ ଦୁଇଟି ଭିତରେ କେହି ଯେପରି ଗୋଳମାଳିଆ ନ କରନ୍ତି । କଂଗ୍ରେସ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ସ୍ୱୀକାର କରିଛି....ସ୍ୱତନ୍ତ୍ର ପ୍ରଦେଶ ନହେଲେ ଦେଶ ମିଶ୍ରଣ ଲୋଡ଼ାନାହିଁ ।" (୧୯)

Digitized by PPRACHIN, SOA

ଏହି ସଭା ଦୁଇଦିନ ବ୍ୟାପି ହୋଇଥିଲା । ତହିଁ ଆରଦିନ ସନ୍ଧ୍ୟାବେଳେ ଏକ ସାଧାରଣ କମିଟି General body ନିଯୁକ୍ତ କରାଗଲା । ଏହି କମିଟିର ସଭାପତି ରହିଲେ ନୀଳକଣ୍ଠ, ସହକାରୀ ସଭାପତି ହେଲେ ଗୋପବନ୍ଧୁ ଚୌଧୁରୀ ଏବଂ ସମ୍ପାଦକ ହେଲେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ଶଶୀଭୂଷଣ ରଥ । ଏହାର କୋଷାଧ୍ୟକ୍ଷ ହେଲେ ବିଚିତ୍ରାନନ୍ଦ ଦାସ ଏବଂ ସଭ୍ୟ ହେଲେ ନିରଞ୍ଜନ ପଟ୍ଟନାୟକ ଓ ଲିଙ୍ଗରାଜ ପାଣିଗ୍ରାହୀ । ଏହି ସଭାରେ ଯେଉଁ ପ୍ରସ୍ତାବମାନ ଗୃହୀତ ହୋଇଥିଲା ସେଥିରେ ଥିଲା [କ] 'ଓଡ଼ିଶା ଓ ଓଡ଼ିଶା ବାହାରେ ଥିବା ସବୁ ରାଜନୈତିକ ଦଳ, ସଙ୍ଘ ଓ ପ୍ରତିନିଧିଗଣ ଦାବୀ କରନ୍ତୁ ଯେ ଓଡ଼ିଶା, ବଙ୍ଗଳା, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଓଡ଼ିଆ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଶୀଘ୍ର କରାଯାଉ ।' (ଖ) ଅତିଶୀଘ୍ର ସରକାରୀ ଲୋକଙ୍କୁ ନେଇ ଏକ କମିଶନ ନିଯୁକ୍ତ କରାଯାଉ । ସେ କମିଶନ ଓଡ଼ିଆ ପ୍ରଦେଶର ସୀମା ସରହଦ ଯାଞ୍ଚ ଓ ଚିହ୍ନଟ କରନ୍ତୁ । ଏ କମିଟିରେ କିନ୍ତୁ କଂଗ୍ରେସ ପକ୍ଷର ପ୍ରତିନିଧିଙ୍କୁ ଯଥେଷ୍ଟ ସଂଖ୍ୟାରେ ରଖିବାକୁ ହେବ' । (ଗ) ଗଞ୍ଜାମ, ସିଂହଭୂମ, ମେଦିନୀପୁର ଓ ବିଶାଖାପାଟଣା ଏଜେନ୍ସି ଓ ମଧ୍ୟପ୍ରଦେଶର ଓଡ଼ିଆ ଅଞ୍ଚଳରେ ହୋଇଥିବା ଲୋକ ଗଣତିର ହିସାବ ଭୁଲ ।······ତେଣୁ ଏ ସମ୍ମିଳନୀ ସରକାରଙ୍କ ଠାରେ ଦାବୀ କରୁଛି ଯେ, ସେ ଯେଉଁ ସୀମା ନିର୍ଦ୍ଦେଶ କମିଟି ବସେଇବେ, ସେମାନଙ୍କୁ ଅଧିକାର ଓ ଉପଦେଶ ଦିଆଯାଉ ଯେ ସେମାନେ ୧୯୩୧ର ଜନଗଣନା ଉପରେ ନିର୍ଭର ନ କରି ଅନ୍ୟ ଉପାୟରେ ଲୋକମତ ବୁଝି ସିଦ୍ଧାନ୍ତ କରିବେ । ଦରକାର ପଡ଼ିଲେ ପ୍ରତ୍ୟେକ ସ୍ଥାନରେ ସେଠା ଅଧିବାସୀ ଲୋକସାଧାରଣଙ୍କର ଭୋଟ ଓ ମତ ନେଇ ଏ କଥା ନିଷ୍ପତ୍ତି କରିବାର ଅଧିକାର ମଧ୍ୟ ତାଙ୍କୁ ଦିଆଯାଉ ।" (୨୦)

**ଓଡ଼ିଶା କଂଗ୍ରେସରେ ସକ୍ରିୟତା**

ନୀଳକଣ୍ଠଙ୍କ ଉପରେ ସବୁ ଦଳର ଆସ୍ଥା ତାଙ୍କ ଉଦାର ଧର୍ମପଣ୍ଟୀ ଉପରେ ଗଭୀର ବିଶ୍ୱାସ ଆଣି ଦେଇଥିଲା । ସେ ଲେଖିଥିଲେ······"ପ୍ରଦେଶ ଗଠନ ପାଇଁ ଉତ୍କଳୀୟମାନେ ସର୍ବଦଳ ସମ୍ମିଳନୀ ଗଢ଼ିଛନ୍ତି । ସେଥିରେ ମୋତେ ସଭାପତି କରିଛନ୍ତି । ଉତ୍କଳ କଂଗ୍ରେସ କମିଟିରେ ମଧ ମୁଁ ଏକ ଯୁଗ୍ମ ସମ୍ପାଦକ । ମୋର ବିଶ୍ୱାସ ଏ କମିଟିରେ···ସବୁଦଳ, ସବୁମତର ଲୋକ ମୋତେ ବିଶ୍ୱାସ କରନ୍ତି । ମୁଁ ସମସ୍ତଙ୍କୁ ଏତେଦ୍ୱାରା ଆହ୍ୱାନ ଓ ଅନୁରୋଧ କରୁଛି ସେମାନେ ସମସ୍ତେ ମିଶି ଏହି ଉତ୍କଳର ସୀମା ପ୍ରଶ୍ନର ସମାଧାନରେ ଲାଗି ଯାଆନ୍ତୁ । (୨୧)

ଓଡ଼ିଶାର କଂଗ୍ରେସ ଅନୁଷ୍ଠାନ ଏହି ସମୟରେ ଓଡ଼ିଆ ଆନ୍ଦୋଳନ ପାଇଁ ଅତ୍ୟନ୍ତ ସଜାଗ ହୋଇ ଉଠିଥିଲା । ପ୍ରାଦେଶିକ କଂଗ୍ରେସ କମିଟି ସ୍ୱତନ୍ତ୍ର ପ୍ରଦେଶ ଗଠନ

Digitized by PPRACHIN, SOA

ବିଷୟରେ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରି ଏକ କମିଟି ଗଠନ କରିଥିଲେ । ଏହି କମିଟିର ମଧ୍ୟ ସଭାପତି ହେଲେ ନୀଳକଣ୍ଠ ଦାସ । ଅନ୍ୟାନ୍ୟ ସଭ୍ୟ ହେଲେ ଗୋପବନ୍ଧୁ ଚୌଧୁରୀ, ଲିଙ୍ଗରାଜ ପାଣିଗ୍ରାହୀ, ଶଶୀଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ, ମୁକୁନ୍ଦ ପ୍ରସାଦ ଦାସ, ବିଚିତ୍ରାନନ୍ଦ ଦାସ ଓ ଲକ୍ଷ୍ମୀନାରାୟଣ ମିଶ୍ର । ୨୨ ।

ଏହି କମିଟି ଜରିଆରେ ନିଷ୍ପତ୍ତି ନିଆହେଲା ଯେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଆନ୍ଦୋଳନ ଚାଲୁ ରଖିବା ନିମନ୍ତେ ବେକଂଗ୍ରେସ ଦଳରୁ ମଧ୍ୟ ସଭ୍ୟ ବାଛିଯାଇ ପାରନ୍ତି । ଏପରିକି କଂଗ୍ରେସ ନୀତିର ବ୍ୟତିକ୍ରମ କରି ସରକାରଙ୍କ ସହ ମଧ୍ୟ ସହଯୋଗ କରାଯାଇପାରେ । କିନ୍ତୁ ଯଦି ଏହି ବେକଂଗ୍ରେସ ଦଳ ଏବଂ ସରକାର ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ବିରୁଦ୍ଧରେ ମତ ଦିଅନ୍ତି ତେବେ ସେମାନଙ୍କ ସହ ସହଯୋଗ ଛିନ୍ନ କରାଯିବ । ୨୩ ।

## ନୀଳକଂଠଙ୍କର ସିଂହଭୂମିରେ ପ୍ରଚାର କାର୍ଯ୍ୟ

ଏହି ସମୟରେ ଉପାନ୍ତ ଅଞ୍ଚଳରେ ପ୍ରବଳ ଭାବରେ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଥିଲା । ନୀଳକଣ୍ଠ ଶଶୀ ରଥଙ୍କ ସହ ସିଂହଭୂମ୍‌ରେ ପ୍ରଚାର ଉଦ୍ୟମ ଲାଗି ଯାତ୍ରା କରିଥିଲେ । ୨୪ ।

ସିଂହଭୂମ୍‌ରେ ନୀଳକଣ୍ଠ ପ୍ରଚାର କାର୍ଯ୍ୟ ଅତ୍ୟନ୍ତ ନିଷ୍ଠାର ସହ କରିଥିଲେ । ଏଠାରେ ପ୍ରତ୍ୟେକ ରାଜବଂଶର ଇତିହାସ ଅଧ୍ୟୟନ କରି ତା' ଉପରେ ସଭାମାନଙ୍କରେ ଆଲୋକପାତ କରିଥିଲେ ଏବଂ ସେମାନେ ଯେ ଓଡ଼ିଆମାନଙ୍କ ବଂଶଧର ଏ ବିଷୟରେ ସେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ । ଏହା ସଙ୍ଗେ ସଙ୍ଗେ ବିହାରର ସିଂହଭୂମ୍ ଦାବୀ ଅତ୍ୟନ୍ତ ଅସଙ୍ଗତ ବୋଲି ସେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ । ତାଙ୍କ ଲିଖିତ ବିବରଣୀମାନ ଉଦ୍ଧାର କରି କଲିକତାର 'Liberty' ଓ 'Advance' ଇତ୍ୟାଦି କାଗଜ ଏ ବିଷୟରେ ଆଲୋଚନା କରିଥିଲେ । ୨୫ ।

ସିଂହଭୂମ୍‌ରେ ପ୍ରଚାର କାର୍ଯ୍ୟ କଲାବେଳେ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ସହ ସେ କଥାବାର୍ତ୍ତା କରି ଜାଣି ପାରିଥିଲେ ଯେ ଅନେକ ଧରଣର ସ୍ୱାର୍ଥ ସେଥିରେ ନିହିତ ଅଛି । କେତେକ ବଙ୍ଗୀୟ ଓକିଲ ତାଙ୍କୁ କହିଲେ, "ସିଂହଭୂମ୍ ଏବେ ବିହାରରେ ରହିବା ପାଇଁ ଆମେ ଲଢ଼ିବୁ । ତା'ହେଲେ ପରେ ବଙ୍ଗ ସୀମା କଥା ଉଠିଲା ବେଳେ ଏ ଖଣ୍ଡକୁ ବଙ୍ଗଳାକୁ ଟାଣି ନେବାକୁ ସୁବିଧା ହେବ । କାରଣ ବିହାରର ବସ୍ତୁତଃ ଏ ଭୂମିରେ ଦାବୀ କରିବାର କିଛି ନାହିଁ ।" ପୁଣି ସେ ଲେଖିଛନ୍ତି ଯେ "ମୁଁ ମୋର ବଙ୍ଗୀୟ ଭାଇମାନଙ୍କୁ ସବୁ କଥା ବୁଝାଇବାକୁ ଚେଷ୍ଟା କଲି, କିନ୍ତୁ ସେମାନେ ଯୁକ୍ତି

Digitized by PPRACHIN, SOA

ଶୁଣିବାକୁ ନାରାଜ ହେଲେ ।" ବରଂ ସେମାନେ ଏକ ଓଡ଼ିଆ ବିଦ୍ୱେଷ ଆନ୍ଦୋଳନ ଆରମ୍ଭ କରିଥିଲେ । ୨୬ । ଏହି ଆନ୍ଦୋଳନ ବିରୁଦ୍ଧରେ ସଂଗ୍ରାମ କରିବାକୁ ନୀଳକଣ୍ଠ ସିଂହଭୂମ୍ ଅଞ୍ଚଳରେ ବୁଲି ବୁଲି ପ୍ରଚାର କରିଥିଲେ । ୨୭ ।

## ମେଦିନୀପୁର ପ୍ରଚାର କାର୍ଯ୍ୟ

ନୀଳକଣ୍ଠ କେବଳ ସିଂହଭୂମିରେ ପ୍ରଚାର କାର୍ଯ୍ୟ କରିଥିଲେ ତା' ନୁହେଁ, ମେଦିନୀପୁରରେ ମଧ୍ୟ ପ୍ରଚାର କାର୍ଯ୍ୟ ଲାଗି କଠିନ ପରିଶ୍ରମ କରିଥିଲେ । ୧୯୩୧ରେ କରାଚୀଠାରେ ସ୍ଥିର ହୋଇଥିଲା ଯେ ତହିଁ ପରବର୍ଷ କଂଗ୍ରେସ ଅଧିବେଶନ ଓଡ଼ିଶାଠାରେ ହେବ । ଏହି ସମୟରେ ମେଦିନୀପୁରର କାନ୍ଥାଇ ଅଞ୍ଚଳର କଂଗ୍ରେସ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ ଯେ ଯଦି ଓଡ଼ିଶା କଂଗ୍ରେସ କାନ୍ଥାଇର ସର୍ବଶ୍ରେଷ୍ଠ ନେତା ବାରିଷ୍ଟର ବୀରେନ୍ଦ୍ର ନାଥ ସାସମଲଙ୍କୁ ଭାରତୀୟ କଂଗ୍ରେସ ଅଧିବେଶନ ପାଇଁ ଗଠିତ ହେଉଥିବା ଆବାହକ କମିଟିର ସଭାପତି ଭାବରେ ଗ୍ରହଣ କରନ୍ତି ତେବେ କାନ୍ଥାଇ ସବ୍‌ଡିଭିଜନ ଓଡ଼ିଶା ସହ ମିଶିବାରେ ସେମାନଙ୍କର ଆପତ୍ତି ରହିବ ନାହିଁ । ୨୮ । ଏହି ପ୍ରସ୍ତାବକୁ ନୀଳକଣ୍ଠ ଅତ୍ୟନ୍ତ ଆନ୍ତରିକତାର ସହିତ ଗ୍ରହଣ କରିଥିଲେ । ୨୯ ।

## ଓଡ଼ିଶାରେ ନିଖିଳ ଭାରତ କଂଗ୍ରେସ ଅଧିବେଶନ

ନିଖିଳଭାରତ କଂଗ୍ରେସ ଅଧିବେଶନ ଓଡ଼ିଶାରେ ବସିବାର ନିଷ୍ପତ୍ତି ନିଆ ହେବାରୁ କଂଗ୍ରେସର ନେତୃବର୍ଗ ବିଚାର କଲେ ଯେ ଏହା ଓଡ଼ିଶା ଦେଶ ମିଶ୍ରଣ ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେବ । ସର୍ବଭାରତୀୟ ସ୍ତରର କଂଗ୍ରେସ ନେତାମାନେ ଓଡ଼ିଶାକୁ ଆସିଲେ ଓଡ଼ିଶାର ସମସ୍ୟାକୁ ଉପଲବ୍ଧି କରିବାର ସୁଯୋଗ ପାଇବେ । ନୀଳକଣ୍ଠ ତେଣୁ ଲେଖିଥିଲେ, "ପୁରୀର କଂଗ୍ରେସ ବୈଠକ, ଅନ୍ୟଟି ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ—ଏ ଦୁଇଟିର ପରସ୍ପର ସଙ୍ଗେ ଯଥେଷ୍ଟ ଏକତା ଅଛି ।......କଂଗ୍ରେସ ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରିଛି ସତ, କିନ୍ତୁ କେଉଁ ଖଣ୍ଡିକ ଉତ୍କଳ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟକରି ସ୍ଥିରକରି ଦେଇନାହିଁ । ଏ ବିଷୟରେ ବାରମ୍ବାର ଉଦ୍ୟମ ହେଉଛି, ମାତ୍ର କଂଗ୍ରେସର କୌଣସି ବିଶିଷ୍ଟ ନେତା ନିଜର ଅତି ପ୍ରାଦେଶିକତା ଓ ସଂକୀର୍ଣ୍ଣତାକୁ ପ୍ରଶ୍ରୟ ଦେବାକୁ ଯାଇ ଏ ପ୍ରଶ୍ନର ସମାଧାନ କରେଇ ଦେଇ ନାହାନ୍ତି............" । । ୩୦ । ପୁଣି ଏକ ଇସ୍ତାହାରରେ ନୀଳକଣ୍ଠ କହିଥିଲେ, "ପ୍ରାଦେଶିକ ସଂକୀର୍ଣ୍ଣତାର ଜ୍ୱାଳା ଜୀବନର ଦୁର୍ବିସହ ବ୍ୟାଧି । ସେ ବ୍ୟାଧିର ନିରାକରଣରେ କ୍ଷୁଦ୍ର ଉତ୍କଳ ମଧ୍ୟ ଆଜିଠାରୁ ନିଜ ଶକ୍ତି ପ୍ରୟୋଗ କରିବା ଉଚିତ" । ୩୧ ।

Digitized by PPRACHIN, SOA

**ବିଧିର ବିଡ଼ମ୍ବନା:—**

**ନୀଳକଂଠ ସାଇମନ କମିଶନରେ ସାକ୍ଷ୍ୟ ଦେଇ ନପାରିବା**

କିନ୍ତୁ ଓଡ଼ିଶା ପ୍ରଦେଶର ନେତୃବୃନ୍ଦ ଯେତେବେଳେ ଅନେକ ଆଶା ନେଇ ସଙ୍ଗ୍ରାରତୀୟ କଂଗ୍ରେସ ଅଧିବେଶନର ଆୟୋଜନରେ ଲାଗି ପଡ଼ିଲେ ଠିକ୍ ସେତିକ-ବେଳେ ଇଂରେଜ ସରକାର ଓଡ଼ିଶାର 'ସୀମା ନିର୍ଦ୍ଧାରଣ କମିଟିର କାର୍ଯ୍ୟ ଆରମ୍ଭ କରିବାର ନିର୍ଦ୍ଦେଶ ଦେଇଥିଲେ । ୩୨ । ଓଡ଼ିଶା କଂଗ୍ରେସ ନେତାମାନଙ୍କ ପାଇଁ ଏହା ଏକ ସମସ୍ୟା ରୂପେ ଦେଖାଦେଲା । ଏକ ପକ୍ଷରେ କଂଗ୍ରେସ ଲାଗି ଆୟୋଜନ, ଅନ୍ୟ ପକ୍ଷରେ 'ସୀମା ନିର୍ଦ୍ଧାରଣ କମିଟି' ଉପାନ୍ତ ଅଞ୍ଚଳରେ ସାକ୍ଷ ନେବା ପୂର୍ବରୁ ସେଠାରେ ପ୍ରଚାର କାର୍ଯ୍ୟ—ଏ ଉଭୟ ଏକ ସଙ୍ଗେ ତୁଲାଇବା ସେମାନଙ୍କ ପାଇଁ କଷ୍ଟକର ହୋଇ ଉଠିଲା । ତଥାପି ଏହି କମିଟିର ସଭ୍ୟମାନେ ୧୧ ତାରିଖ ନଭେମ୍ବର ୧୯୩୧ରେ ପୁରୀ ଏକ୍ସପ୍ରେସ ଯୋଗେ କଟକ ଷ୍ଟେସନରେ ପହଞ୍ଚିଲା ପରେ ନୀଳକଣ୍ଠ ସେମାନଙ୍କ ସହ ସାକ୍ଷାତ କରିଥିଲେ । ୩୩ । ଏହା ପରେ ପରେ ଓଡ଼ିଶା କଂଗ୍ରେସ ତରଫରୁ ଏହି କମିଟିକୁ ସାକ୍ଷ ପ୍ରଦାନ କରି ଏକ ସ୍ମାରକପତ୍ର ଦେବାକୁ ସେ ଠିକ୍ କଲେ । ୧୦ ତାରିଖ ଜାନୁୟାରୀ ୧୯୩୨ ଦିନ ନୀଳକଣ୍ଠ ସାକ୍ଷ ପ୍ରଦାନ କରିବେ ବୋଲି ଧାର୍ଯ୍ୟ କରାହୋଇ-ଥିଲା । କିନ୍ତୁ ଦୁର୍ଯୋଗକୁ ତାହାର ପାଞ୍ଚଦିନ ପୂର୍ବରୁ ଅର୍ଥାତ୍ ୫ ତାରିଖ ଜାନୁୟାରୀ ୧୯୩୨ ଦିନ ଭାରତ ସରକାର କଂଗ୍ରେସକୁ ବେଆଇନ ବୋଲି ଘୋଷଣା କରିଥିଲେ । ନୀଳକଣ୍ଠ ସେତେବେଳକୁ ନିଖିଳ ଭାରତ କଂଗ୍ରେସ ଅଧିବେଶନ ଲାଗି ଗଠିତ ହୋଇଥିବା ଆବାହକ କମିଟିର ସଭାପତି ନିଯୁକ୍ତ ହୋଇଥାନ୍ତି । ଏହି ସମ୍ବାଦ ପାଇ ସେ ସଙ୍ଗେ ସଙ୍ଗେ ଜାମସେଦପୁର ଅଭିମୁଖେ ଯାତ୍ରା କରିଥିଲେ ଏବଂ ପ୍ରଦେଶ କଂଗ୍ରେସକୁ ନିର୍ଦ୍ଦେଶ ଦେଇ ଯାଇଥିଲେ ଯେ ସେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଏଭଳି ଆୟୋଜନ କରନ୍ତୁ ଯେ ଅନ୍ତତଃ ୧୦ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରାଯାଇ ତା'ପରେ ତାଙ୍କୁ ପ୍ରଦେଶ କଂଗ୍ରେସର 'ସର୍ବେସର୍ବା' (Dictator) ଘୋଷଣା କରାଯାଉ । ଉଦ୍ଦେଶ୍ୟ ଥିଲା ୧୦ ତାରିଖରେ ସେ ସେଠି ସାକ୍ଷ ଦେଇ, ନିଜର ବହୁ ତଥ୍ୟ ସମ୍ବଳିତ ସ୍ମାରକ ପତ୍ରଟି କମିଟିକୁ ଦେଇ ସେମାନଙ୍କୁ ଏହି ପ୍ରକାର ପରିସ୍ଥିତି ବିଷୟରେ ଅବଗତ କରାଇବେ । କିନ୍ତୁ ୮ ତାରିଖ ଦିନ ସନ୍ଧ୍ୟା ବେଳେ ହିଁ ଜାମସେଦପୁରରେ ନୀଳକଣ୍ଠ ତାର ପାଇଲେ ଯେ କଂଗ୍ରେସର ଉଚ୍ଚ କର୍ତ୍ତୃପକ୍ଷ 'ସୀମା ନିର୍ଦ୍ଧାରଣ କମିଟି'କୁ ବର୍ଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତାଙ୍କୁ ପ୍ରଦେଶ କଂଗ୍ରେସର ମୁଖ୍ୟ (Dictator) ଭାବେ ନିଯୁକ୍ତ ଦେଇଛନ୍ତି । ୩୪ । ନୀଳକଣ୍ଠ ଉପାୟହୀନ ହୋଇ କେବଳ ନିଜର ସ୍ମାରକପତ୍ରଟି ଦେଇ ଆସିଥିଲେ । କିନ୍ତୁ ଏହା 'ସୀମା ନିର୍ଦ୍ଧାରଣ କମିଟି' ନିଜର ବିବରଣୀ ଅନ୍ତର୍ଭୁକ୍ତ

Digitized by PPRACHIN, SOA

କଲେ ନାହିଁ । ୩୫ । ଯେଉଁ ପରିସ୍ଥିତିରେ ନୀଳକଣ୍ଠ ସୀମା କମିଟିକୁ ସାକ୍ଷାତ ନ କରି ଫେରି ଆସିଲେ ସେଥିରେ ଅନେକ ଭାବିପାରନ୍ତି ଯେ, ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ହୁଏତ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଉପେକ୍ଷା କରି ପାରଥାଆନ୍ତେ କିନ୍ତୁ ନୀଳକଣ୍ଠ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏବଂ କଂଗ୍ରେସ ଅନୁଷ୍ଠାନର ସଭ୍ୟଭାବରେ ଏହାର ଶୃଙ୍ଖଳା ରକ୍ଷା କରିବା ନିଜର କର୍ତ୍ତବ୍ୟ ଭାବି ଏହି କମିଟିକୁ ବର୍ଜନ କଲେ । ସେ ସଙ୍ଗେ ସଙ୍ଗେ ଦ୍ରୁତ ଫେରି ଆସିଲେ ଏବଂ ଗିରଫ ହୋଇ ବନ୍ଦୀଜୀବନ କାରାବରଣ କଲେ । ଏଣେ କଂଗ୍ରେସ ବେଆଇନ୍ ଘୋଷିତ ହେବାପୂର୍ବରୁ ପୁଣରେ ବସିବାକୁ ଯାଉଥିବା କଂଗ୍ରେସ ଅଧିବେଶନ ବନ୍ଦ କରି ଦିଆଯାଇଥିଲା । କଣ୍ଟାଇ ସବ୍‌ଡ଼ିଭିଜନ ଓଡ଼ିଶା ସହ ମିଶିବା ସମ୍ଭାବନା ମଧ୍ୟ ଉଭେଇ ଯାଇଥିଲା । ନିସ୍ତିତର ବିଧାନ ତେଣୁ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା ।

## ଓଡ଼ିଆ ଆନ୍ଦୋଳନର ମୁଖ୍ୟକର୍ମୀ ଓ ନାୟକ ନୀଳକଂଠ

ନୀଳକଣ୍ଠ ଥିଲେ ସେ ସମୟର ଓଡ଼ିଆ ଆନ୍ଦୋଳନର ମୁଖ୍ୟ କର୍ମୀ ଏବଂ ନାୟକ । ଚରମ ଓ ନରମପନ୍ଥୀ ଦଳର ସମସ୍ତ ଦଳୀୟ ମନୋବୃତ୍ତିକୁ ସେ ପରିତ୍ୟାଗ କରି ନିଜର କର୍ମପନ୍ଥା ସେ ବାଛି ନେଇଥିଲେ । ସେଥିପାଇଁ ତାଙ୍କୁ ଭିନ୍ନ ଭିନ୍ନ ଦଳର ତୀବ୍ର ସମାଲୋଚନାର ଶିକାର ମଧ୍ୟ ହେବାକୁ ପଡୁଥିଲା । ବିଶେଷତଃ ଯେତେବେଳେ ଶ୍ୱେତପତ୍ର (White Paper) ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବେ ବୋଲି ଘୋଷଣା କଲେ କିନ୍ତୁ ଓଡ଼ିଶାର ଅନେକ ଇପ୍‌ସିତ ଅଞ୍ଚଳ ପୃଥକ ରଖିଲେ, ସେତେବେଳେ ଅନେକ ନେତା ଏପରି ବିକଳାଙ୍ଗ ସ୍ୱତନ୍ତ୍ର ପ୍ରଦେଶର ଆବଶ୍ୟକତା ନାହିଁ ବୋଲି ଘୋଷଣା କରିଥିଲେ । ନୀଳକଣ୍ଠ ଅସୁସ୍ଥତା ହେତୁ ସେତେବେଳେ ଶଯ୍ୟାଶାୟୀ ଥିଲେ । ତା'ପରେ ଓଡ଼ିଶାରୁ କେତେଜଣ ପ୍ରତିନିଧି ବିଲାତ ଯାଇ ସେଠାରେ ଲୋକ ପ୍ରତିନିଧିଙ୍କ ସହ ସାକ୍ଷାତ କରିଥିଲେ । ଏହାପରେ ଜୟପୁର ଓ ପାରଳାଖେମୁଣ୍ଡିକୁ ଓଡ଼ିଶା ପ୍ରଦେଶ ଅନ୍ତର୍ଭୁକ୍ତ କରାଯାଇଥିଲେ ସୁଦ୍ଧା ମେଦିନୀପୁର ଓ ସିଂହଭୂମ ଆଉ ଓଡ଼ିଶାର ସୀମା ଭିତରକୁ ଆସିପାରି ନଥିଲା । ଏପରି ଓଡ଼ିଶା ପ୍ରଦେଶ ଗଠନ ନିରର୍ଥକ, ତେଣୁ ଗ୍ରହଣଯୋଗ୍ୟ ନୁହେଁ ବୋଲି ଚତୁର୍ଦ୍ଦିଗରେ ପ୍ରତିବାଦ ଧ୍ୱନି ଉଠିଥିଲା ।

## ଭୁବନାନନ୍ଦ ଦାସଙ୍କ ପ୍ରବର୍ତ୍ତନା

ଜନନାୟକ ନୀଳକଣ୍ଠ କିନ୍ତୁ ସେତେବେଳେ ପରାମର୍ଶ ଦେଇଥିଲେ ଯେ ଅଭିମାନ ଦ୍ୱାରା କୌଣସି କାର୍ଯ୍ୟ ସାଧିତ ହେବ ନାହିଁ । ବରଂ ଯାହା ମିଳିଛି ତାହାଣ

Digitized by PPRACHIN, SOA

କରିବା ପରେ ଦେଶ ମିଶ୍ରଣ ଲାଗି ଆନ୍ଦୋଳନ କରାଯିବା ଉଚିତ୍ । ବାସ୍ତବରେ କେନ୍ଦ୍ର ଆସେମ୍ବ୍ଲି ସଭ୍ୟ ନୀଳକଣ୍ଠ ଅର୍ଥସଚିବ ମୁଡ଼ିମ୍ୟାନ ସାହେବଙ୍କ ଏତାଦୃଶ ପ୍ରସ୍ତାବରେ ଅନ୍ୟତମ ସଭ୍ୟ ଶ୍ରୀ ଭୁବନାନନ୍ଦ ଦାସଙ୍କ ପ୍ରବର୍ତ୍ତନାରେ ରାଜି ହୋଇଥିଲେ । ୩୬ ।

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ପାଇଲା । ରାଜନୀତିଜ୍ଞ ନୀଳକଣ୍ଠଙ୍କର କିନ୍ତୁ କର୍ମ ଜୀବନର ଅବସାନ ଏଇଠି ଘଟି ନଥିଲା । ଦୂରଦର୍ଶୀ ନୀଳକଣ୍ଠ ଏହି ନବ ଗଠିତ ଶିଶୁ ପ୍ରଦେଶଟିର ରାଜନୈତିକ ଓ ସାମାଜିକ ଭବିଷ୍ୟତ ଗଠନରେ ବିଭିନ୍ନ ସମସ୍ୟାର ସହାୟକ ହୋଇ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ପରିଚୟ ଦେଇଥିଲେ ।

## References


୧. ନୀଳକଣ୍ଠ ଦାସ, ନୀଳକଣ୍ଠ ଗ୍ରନ୍ଥାବଳୀ, କଟକ ୧୯୬୩, ପୃଷ୍ଠା ୬୧

୨. Ibid, ପୃଷ୍ଠା ୬୮

୩. "ଜାତୀୟ ଜୀବନରେ ସେ ନବୋନ୍ମେଷ ଆଜି ମୋର ମନରେ ପ୍ରାଚୀନ ହେଲେ ମଧ୍ୟ ଜୀର୍ଣ୍ଣ ହୋଇ ନାହିଁ । ଜୀବନରେ ତାହାହିଁ ଯେପରି କି ମୋର ଏକ ପ୍ରଥମ ଦୀକ୍ଷା ।" (ନୀଳକଂଠ ଗ୍ରନ୍ଥାବଳୀ, ପୃଷ୍ଠା ୨୫)

୪. ଆଶା, ୨୩-୫-୧୯୨୧

୫. ପ୍ରଜାତନ୍ତ୍ର, ୬-୨-୧୯୨୪

୬. Ibid, ୧୪-୫-୧୯୨୪

୭. Indian Statutory Commission Report, Vol. IV, 1930,

୮. ଉତ୍କଳ ଦୀପିକା, ୧୯-୨-୧୯୨୭,

୯. ନୀଳକଂଠ ଦାସ, ନୀଳକଂଠ ଗ୍ରନ୍ଥାବଳୀ, କଟକ, ୧୯୬୩, ପୃଷ୍ଠା ୯୬

୧୦. ପ୍ରଜାତନ୍ତ୍ର, ୧୦-୯-୧୯୨୮

୧୧. ଉତ୍କଳ ଦୀପିକା, ୫-୧-୧୯୨୯,

୧୨ Ibid.


Digitized by PPRACHIN, SOA

୧୩. ୧୯୨୧ର ଚକ୍ରଧରପୁର ଉତ୍କଳ ସମ୍ମିଳନୀର ପରେ ପରେ ଓଡ଼ିଶାର ନେତୃବୃନ୍ଦ ଦୁଇ ଭାଗରେ ବିଭକ୍ତ ହୋଇଥିଲେ । ଯେଉଁମାନେ ଇଂରେଜ ସରକାରଙ୍କ ସଙ୍ଗେ ଅସହଯୋଗ କରି ଭାରତର ମୁକ୍ତି ସଂଗ୍ରାମରେ ପୂର୍ଣ୍ଣ ପ୍ରାଣରେ ସହ-ଯୋଗ କରିଥିଲେ ଏବଂ ଓଡ଼ିଆ ଆନ୍ଦୋଳନକୁ ଅଗ୍ରାଧିକାର ତାଲିକାରେ ଦ୍ୱିତୀୟ ସ୍ଥାନ ଦେଇଥିଲେ ସେମାନଙ୍କୁ ଏଠାରେ 'ଚରମପନ୍ଥୀ' ଭାବରେ ଉଲ୍ଲେଖ କରା ଯାଇଛି । ଯେଉଁମାନେ ଓଡ଼ିଆ ଆନ୍ଦୋଳନକୁ ସେମାନଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ବୋଲି ଭାବୁଥିଲେ ଏବଂ ଏହି କାର୍ଯ୍ୟ ହାସଲ ନିମନ୍ତେ ଇଂରେଜ ସରକାରଙ୍କ ସହ ସାଲିସ୍ କରିବାକୁ ପ୍ରସ୍ତୁତ ଥିଲେ ସେମାନଙ୍କୁ 'ନରମପନ୍ଥୀ' ବୋଲି କୁହା ଯାଇଛି । (ନିବେଦିତା ମହାନ୍ତି, Oriya Nationalism The Quest for a United Orissa, (P.H.D. thesis) Heidelberg 1977).

୧୪. ଆଶା, ୭-୧-୧୯୨୯

୧୫. ସତ୍ୟ ସମାଚାର, ତୃତୀୟ ସଂଖ୍ୟା, ପ୍ରଥମ ଭାଗ, ୨୮-୭-୧୯୩୦ ।

୧୬. ଆଶା, ୧୦-୩-୧୯୩୦

୧୭. ଉତ୍କଳ ଦୀପିକା, ୨୨-୨-୧୯୩୦

୧୮. ଉତ୍କଳ ଦୀପିକା, ୭-୬-୧୯୩୦

୧୯. ସମାଜ, ୬-୫-୧୯୩୧

୨୦. Ibid,

୨୧. Ibid,

୨୨. Ibid,

୨୩. Ibid; ୨୭-୫-୧୯୩୧

୨୪. Ibid, ୧୭-୬-୧୯୩୧

୨୫. Ibid, ୧-୭-୧୯୩୧

୨୬. ସିଂହଭୂମ ଜିଲ୍ଲା ଓଡ଼ିଶାକୁ ନ ଯାଇ କିପରି ବଙ୍ଗଳାରେ ରହିବ ଓ ସେଥିପାଇଁ କି କି କାର୍ଯ୍ୟପନ୍ଥା ଧରିବାକୁ ହେବ ସେ ବିଷୟରେ ସୁଭାଷ ଚନ୍ଦ୍ର ବୋଷ ସେଠା ବଙ୍ଗାଳୀମାନଙ୍କୁ ଭିତରେ ଭିତରେ ପରାମର୍ଶ

Digitized by PPRACHIN, SOA

ଦେଉଥିଲେ । ୨୯ ତାରିଖ ସେପ୍‌ଟେମ୍ବର ୧୯୩୧ରେ ସୁଭାଷ ବୋଷ ଗୃହି-ବସାର ନଳିନୀବାବୁ ଓକିଲ, ବାହାଡ଼ଗୋଡ଼ାର କୃଷ୍ଣଓଝା ଓ ରାମଦୟାଲ କୋଠାରୀଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ୪ ତାରିଖରେ ରାଜେନ୍ଦ୍ର ପ୍ରସାଦ ସେଠାକୁ ଆସିବେ ବୋଲି ଜନରବ ଉଠିଥିଲା । ୩୦ ତାରିଖ ସେପ୍‌ଟେମ୍ବରରେ ନରେନ ରକ୍ଷୀତଙ୍କ ଘରେ ସଭା ହୋଇଥିଲା । ଦୁଇ ହଜାର ଟଙ୍କା ସଂଗ୍ରହ କରାଯାଇ ଓଡ଼ିଶା ବିରୁଦ୍ଧରେ ପ୍ରଚାର ହେବ ବୋଲି ଠିକ୍ ହେଲା । (ଉତ୍କଳ ଦୀପିକା, ୭-୧୦-୧୯୩୧)

୨୭, ପ୍ରଜାତନ୍ତ୍ର, ୬-୭-୧୯୩୧

୨୮, ସମାଜ, ୨୬-୮-୧୯୩୧

୨୯, Ibid,

୩୦, Ibid, ୧-୭-୧୯୩୧

୩୧, ପ୍ରଜାତନ୍ତ୍ର, ୬-୭-୧୯୩୧

୩୨, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କାର୍ଯ୍ୟକାରୀ ହେଲେ ଏହାର ସୀମାରେଖା କଣ ହେବ ତାହା ଚିହ୍ନଟ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଏକ ସୀମା ନିର୍ଦ୍ଧାରଣ କମିଟି ବା ଓଡ଼ିଶା କମିଟି ୧୮ ସେପ୍‌ଟେମ୍ବର ୧୯୩୧ରେ ଗଠିତ ହୋଇଥିଲା । S,P,O Donnell ଏହି କମିଟିର ଚେୟାରମ୍ୟାନ ଥିଲେ । ତେଣୁ ଏହାକୁ ଓଡ଼ନେଲ ମଧ୍ୟ କୁହା ଯାଉଥିଲା । ଏହାର ଅନ୍ୟାନ୍ୟ ସଭ୍ୟ ହେଲେ T, R, Phookun, H M Mehta, Raja of Parlakimedi, Sachidananda Sinha ଏବଂ C V S Narasingh Raj Guru

୩୩; ସମାଜ, ୧୮-୧୧ ୧୯୩୧

୩୪, Pandit Nilakanth Das's memorandum to the States Reorganisation Commission: Cuttack, the 25th May, 1954, Speeches and Remarks of Pt. Nilakanht Das, Vol, 1 Calcutta 1959, P; 118,

୩୫; ଆଶା, ୧୯-୪-୧୯୩୪,

୩୬: ନୀଳକଣ୍ଠ ଦାସ-ଆତ୍ମଜୀବନୀ ପୃଷ୍ଠା ୨୯୭

—o—

Digitized by PPRACHIN, SOA

# ଓଡ଼ିଶା ପ୍ରଦେଶ ଗଠନ ଲାଗି ପଣ୍ଡିତ ନୀଳକଣ୍ଠଙ୍କର ନିରବଚ୍ଛିନ୍ନ ସାଧନା

ଅଧ୍ୟାପକ ବନମାଳୀ ମିଶ୍ର

ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳର ବହୁ ନେତୃବର୍ଗଙ୍କର ଅବିସ୍ମରଣୀୟ ଅବଦାନ ନିହିତ ଏବଂ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନହିଁ ବିଂଶ ଶତାବ୍ଦୀରେ ଉତ୍କଳୀୟ ନେତୃତ୍ୱର ଏକ ପ୍ରଧାନ ସାଫଲ୍ୟ । ଏହି ଶତାବ୍ଦୀର ପ୍ରାରମ୍ଭରୁ ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ ପାଇଁ ଉତ୍କଳଗୌରବ ମଧୁସୂଦନ ଗୋରା ସରକାରଙ୍କ ପାଖେ ଅବେଦନ ନିବେଦନ ସହ ପ୍ରଥମେ ଆନ୍ଦୋଳନ ଆରମ୍ଭ କରିଥିଲେ । ପରବର୍ତ୍ତୀ କାଳରେ ଏ ଆନ୍ଦୋଳନକୁ ରାଜନୀତିକ ଭିତ୍ତିଦେଇ ଏକ ମହାଭାରତୀୟ ସମସ୍ୟା ରୂପେ ପ୍ରତିଷ୍ଠା କରିବାରେ ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠଙ୍କର ଅବଦାନ ଅବିସ୍ମରଣୀୟ ।

## ମଧୁସୂଦନଙ୍କ ପ୍ରଥମ ପ୍ରଚେଷ୍ଟା —

ମଧୁବାବୁ ପ୍ରଥମେ ୧୯୦୩ରେ ଉତ୍କଳ ସମ୍ମିଳନୀ ଆରମ୍ଭ କଲେ । ରାଜାମହାରାଜା ଓ ଜମିଦାରମାନଙ୍କୁ ଘେନି ଆନ୍ଦୋଳନ ଆରମ୍ଭ ହେଲା । ନିଜର ବରିଷ୍ଠ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଓ ରାଜନୀତିକ ପାରଂଗମତା ବଳରେ ମଧୁବାବୁ ଗୋରା ରାଜପୁରୁଷଙ୍କର ସହଯୋଗ ଲୋଡ଼ିଥିଲେ । ଏଥିପାଇଁ ସଭା ସମିତି କରିବା, ଲୋକମତ ଗଢି ଦେଖାଇବା ପ୍ରଭୃତି ସେକାଳ ରାଜନୀତିକ ପନ୍ଥାରେ ତାଙ୍କର ଖୁବ୍ ଦକ୍ଷତା ଥିଲା । ପୁଣି ସେ ନିଜେ ଜଣେ ବିଚକ୍ଷଣ ଓକିଲ ଥିବାରୁ ରାଜା, ଜମିଦାର ଓ ଧନିକ ମାନଙ୍କ ଉପରେ ତାଙ୍କର ଯଥେଷ୍ଟ ପ୍ରଭାବ ଥିଲା ।ଏଥିପାଇଁ ସହର ଅଞ୍ଚଳରେ ସେ ବହୁ ସଭା ସମିତିମାନ କରୁଥିଲେ । ଗାଁ ଗଣ୍ଡାକୁ ଯିବା ତାଙ୍କର ଦରକାର ପଡ଼ିନଥିଲା ।

## ସତ୍ୟବାଦୀ ଗୋଷ୍ଠୀଙ୍କ ସହଯୋଗ —

ମୂଳରୁ ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମ ଗୋପବନ୍ଧୁ ଓ ନୀଳକଣ୍ଠଙ୍କୁ ଅନୁପ୍ରାଣିତ କରିଥିଲା । ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ପରେ ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠ ମଧୁବାବୁଙ୍କ ସଙ୍ଗେ ସମ୍ମିଳନୀ କାର୍ଯ୍ୟରେ ସକ୍ରିୟ ସହଯୋଗ କଲେ । ଗୋପବନ୍ଧୁ, ନୀଳକଂଠ, ଗୋଦାବରୀଶ ପ୍ରଭୃତି ଥିଲେ ଗ୍ରାମର ଲୋକ । ତେଣୁ ସେମାନେ ଗ୍ରାମର

Digitized by PPRACHIN, SOA

ମେଳା, ମଉସ୍ତବଠାରୁ ଆରମ୍ଭ କରି ସଭା ସମିତି ଜରିଆରେ ଦେଶ ମିଶ୍ରଣ ଆନ୍ଦୋଳନକୁ ଗାଁ ଗହଳ ତଥା ବିଭିନ୍ନାଞ୍ଚଳରେ ଲୋକପ୍ରିୟ କରିବାରେ ଲଗିଲେ । ସେଥିଲାଗି ୧୯୧୩ରେ ମଧୁବାବୁଙ୍କ ସଭାପତିରେ ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ନବମ ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସବୁର ଏକତ୍ରୀକରଣ ସଂପର୍କରେ ସତ୍ୟବାଦୀ ବନବିଦ୍ୟାଳୟର ଉଦ୍ୟୋକ୍ତା ମାନଙ୍କୁ ଅଭିନନ୍ଦନ କରି ପ୍ରସ୍ତାବ ଗୃହୀତ ହେଲା ।

୧୯୧୪ରେ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ଉତ୍କଳସମ୍ମିଳନୀର ବାର୍ଷିକ ଅଧିବେଶନରେ ପଣ୍ଡିତ ନୀଳକଂଠଙ୍କର ପ୍ରସ୍ତାବରେ କୁହାଗଲା ଯେ "ଓଡ଼ିଆ ଶିକ୍ଷକ ଓ ତତ୍ତ୍ୱାବଧାରକ ନିଯୁକ୍ତ ନ ହେଲେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ସୁଦୂର ପରାହତ ହେବ ବୋଲି ସମ୍ମିଳନୀ ବିଶ୍ୱାସ କରନ୍ତି ।" ଏଠି ଉଲ୍ଲେଖ ଯୋଗ୍ୟ ଯେ ଛାତ୍ର ନୀଳକଂଠ ମଧୁବାବୁଙ୍କର ପୁରୀ ବିଦେଶୀ ବର୍ଜନ ସଭାରେ ପ୍ରଥମକରି ବିଦେଶୀ ଦ୍ରବ୍ୟ ବର୍ଜନ କରିବେ ବୋଲି ପ୍ରଥମ କରି ଦସ୍ତଖତ ଦେଇଥିଲେ ।

## ସତ୍ୟବାଦୀ ବିଦ୍ୟାଳୟର ପରୋକ୍ଷ ଓ ପ୍ରତ୍ୟକ୍ଷ ସାହାଯ୍ୟ—

ପଣ୍ଡିତ ନୀଳକଂଠଙ୍କ ଲେଖାରୁ ଜଣାଯାଏ "ସତ୍ୟବାଦୀ ବିଦ୍ୟାଳୟର ପ୍ରତିଷ୍ଠା ଓ ସମ୍ମାନରେ ଆକୃଷ୍ଟ ହୋଇ ସେକାଳ ପ୍ରାକୃତିକ ଓଡ଼ିଶାର ଘରଅଡ଼ୁ ତଥା ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶରୁ ଛାତ୍ରମାନେ ଆସି ଏଠାରେ ଜମା ହୋଇଥିଲେ । × × × ବିଶେଷରେ ସିଂହଭୂମିରୁ ପିଲାମାନେ ଏଠାକୁ ଆସିଥିଲେ । ୧୯୧୬ ବେଳକୁ ଓଡ଼ିଶାର ବିଭିନ୍ନାଞ୍ଚଳରେ ସତ୍ୟବାଦୀ ବିଦ୍ୟାଳୟର ଦୁଇଟି ଶାଖା ସ୍କୁଲ ସ୍ଥାପିତ ହୋଇଥିଲା । ଗୋଟିଏ ସିଂହଭୂମିର ଚକ୍ରଧରପୁରରେ ଓ ଆଉଗୋଟିଏ ଧଳଭୂମିର ବାହାଡ଼ା ଗୋଡ଼ାରେ (ନୀ. ଗ୍ର. ପୃ-୧୫୫) ।"

## ଗଞ୍ଜାମ ସହିତ ନିବିଡ଼ ସଂପର୍କ —

ମାନ୍ଦ୍ରାଜ ପ୍ରଦେଶରେ ଥିବା ଗଞ୍ଜାମ ସହିତ ସତ୍ୟବାଦୀ ବିଦ୍ୟାଳୟର ସମ୍ପର୍କ କ୍ରମଶଃ ନିବିଡ଼ରୁ ନିବିଡତର ହେବାକୁ ଲାଗିଲା । ଗଞ୍ଜାମର ପ୍ରସିଦ୍ଧ ଓଡ଼ିଆ ନେତା ଶଶିଭୂଷଣ ରଥଙ୍କ ଦ୍ୱାରା ୧୯୧୩ରେ ପ୍ରକାଶିତ ସାପ୍ତାହିକ "ଆଶା" ମାଧ୍ୟମରେ ଦେଶମିଶ୍ରଣ ଆନ୍ଦୋଳନକୁ ଜାଗ୍ରତ କରାଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାପ୍ତାହିକ 'ଆଶା' ପ୍ରକାଶ ପାଇଲା ବେଳେ ପଣ୍ଡିତ ଗୋପବନ୍ଧୁ ବହୁଦିନ ଯାଏ ଏହାର ସମ୍ପାଦକୀୟ ଲେଖୁଥିଲେ । ପଣ୍ଡିତ ନୀଳକଂଠ, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁ ଏଥିପାଇଁ ବହୁତ ଲେଖା ମଧ୍ୟ ଯୋଗାଉଥିଲେ । ନୀଳକଂଠ ଲେଖିଛନ୍ତି,

Digitized by PPRACHIN, SOA

"ପ୍ରଥମତଃ ଶଶୀବାବୁ ଓଡ଼ିଆରେ ଲେଖିବାରେ ପାରଙ୍ଗମ ନଥାଇ ସାପ୍ତାହିକ 'ଆଶା' ଆରମ୍ଭ କରିଥିଲେ । ସତ୍ୟବାଦୀର ପଣ୍ଡିତ ଗୋପବନ୍ଧୁ ତଥା ଅନ୍ୟମାନଙ୍କର ସେଥିରେ ବର୍ଷବ୍ୟାପୀ ନିଷ୍ଠାପର ସହଯୋଗ ଏବେ ମଧ୍ୟ ମନେ ପଡ଼ୁଛି, କିନ୍ତୁ ବର୍ଷ ପୂର୍ତ୍ତିବା ପୂର୍ବରୁ ଶଶୀଭୂଷଣ ହେଲେ ଓଡ଼ିଆରେ ଜଣେ ବିଚକ୍ଷଣ ଲେଖକ ।"

ଏହିପରି ଭାବରେ ସତ୍ୟବାଦୀ ଗୋଷ୍ଠୀ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ସହିତ ଘନିଷ୍ଠ ଯୋଗାଯୋଗ ସ୍ଥାପନ କରି ଉତ୍କଳ ସମ୍ମିଳନୀକୁ ପ୍ରାନ୍ତୀୟ ଓଡ଼ିଆ ଅଞ୍ଚଳର ଲୋକ-ମାନଙ୍କ ଭିତରେ ପହଞ୍ଚାଇ ପାରିଥିଲେ ଓ ମଧୁବାବୁଙ୍କ ଉଦ୍ଦେଶ୍ୟ ପୂରଣରେ ଏକ ପ୍ରଧାନ ମାଧ୍ୟମ ହୋଇଥିଲେ ।

## ଚକ୍ରଧରପୁର ଉତ୍କଳ ସମ୍ମିଳନୀ ଅଧିବେଶନ ଉତ୍କଳ କଂଗ୍ରେସର ପ୍ରତିଷ୍ଠା –

ଏହାପରେ ସତ୍ୟବାଦୀ ଗୋଷ୍ଠୀ ଓ ମଧୁବାବୁଙ୍କ ଭିତରେ କେତେ ଦିନ ଲାଗି ବିଭେଦ ଦେଖାଦେଲା । କାରଣ ଗୋପବନ୍ଧୁ ଲକ୍ଷ୍ୟକଲେ, ଓଡ଼ିଶାରେ ଉତ୍କଳ ସମ୍ମିଳନୀ ହେଉଛି ଏକମାତ୍ର ଜାତୀୟ ଅନୁଷ୍ଠାନ ଏବଂ ଏହି ଅନୁଷ୍ଠାନକୁ ଧରି ରହି ଓଡ଼ିଶାର ନେତୃବର୍ଗ ଏକ ପାଖିଆ ହୋଇ ଭାରତୀୟ ଜାତୀୟ ଆନ୍ଦୋଳନରୁ ଦୂରରେ ରହି ଯାଉଛନ୍ତି । ସେଥିପାଇଁ ଏହି ଦେଶ ମିତ୍ରଣ ଆନ୍ଦୋଳନକୁ ଜାତୀୟ ଜୀବନ ସ୍ରୋତ ସହିତ ମିଶାଇ ଦେବାକୁ ସେ ସୁବିଧା ଖୋଜି ବସିଲେ । ୧୯୨୦ରେ ନାଗପୁର କଂଗ୍ରେସରେ ଭାଷାଭିତ୍ତିକ ପ୍ରଦେଶ ଗଠନ କଂଗ୍ରେସର ନୀତି ବୋଲି ପ୍ରସ୍ତାବ ଗୃହୀତ ହେଲାକ୍ଷଣି ଗୋପବନ୍ଧୁ ବାବୁ ସେଠାରୁ ଫେରି ଚକ୍ରଧରପୁର ଉତ୍କଳ ସମ୍ମିଳନୀ ଅଧି-ବେଶନର ମଞ୍ଚ ଉପରେ ହିଁ ଉତ୍କଳ କଂଗ୍ରେସ ଗଠନ କଲେ । ଫଳରେ ଗୋପବନ୍ଧୁ ନୀଳକଣ୍ଠ ପ୍ରଭୃତି ମଧୁବାବୁଙ୍କ ଠାରୁ କିଛି ଦିନପାଇଁ ଟିକିଏ ଦୂରେଇ ଗଲେ ।

## କଂଗ୍ରେସ ମାଧ୍ୟମରେ ଆନ୍ଧ୍ର-ଓଡ଼ିଶା ସୀମା ବିବାଦର ନିଷ୍ପତ୍ତି ପାଇ ନୀଳକଣ୍ଠଙ୍କ ଉଦ୍ୟମ –

ଏହାପରେ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ଗୋପବନ୍ଧୁ ଓ ନୀଳକଣ୍ଠଙ୍କର କଂଗ୍ରେସ ମାଧ୍ୟମରେ ଉଦ୍ୟମ ଆରମ୍ଭ ହେଲା । ୧୯୨୧ରେ ଗାନ୍ଧିଜୀଙ୍କର ପ୍ରଥମ ଓଡ଼ିଶା ପରିଦର୍ଶନ ବେଳେ ଆନ୍ଧ୍ର ଓଡ଼ିଶା ସୀମା ବିବାଦ 'ଅସହଯୋଗ କାଳ' ସମାପ୍ତ ପୂର୍ବରୁ ନିଷ୍ପତ୍ତି କରି ଦେବା ପାଇଁ ଗାନ୍ଧିଜୀ ପରାମର୍ଶ ଦେଲେ । ଓଡ଼ିଶା ପକ୍ଷରୁ ଗୋପବନ୍ଧୁ ଓ ନୀଳକଣ୍ଠ ପ୍ରତିନିଧି ରହିଲେ । ମାତ୍ର ଆନ୍ଧ୍ର ପ୍ରତିନିଧିମାନେ ନାନା ଅଳରେ ଥରକୁ ଥର

Digitized by PPRACHIN, SOA

ଆଲୋଚନା ସଭାରେ ଯୋଗ ନ ଦେବାରୁ ସୀମା ବିବାଦର ନିଷ୍ପତ୍ତି ହୋଇ ପାରିଲା ନାହିଁ ।

## କାକିନାଡା କଂଗ୍ରେସ -

୧୯୨୩ ଡିସେମ୍ବରରେ କାକିନାଡ଼ାଠାରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହୁଏ । ସେତେବେଳକୁ ଗୋପବନ୍ଧୁ ଜେଲରେ । ପଣ୍ଡିତ ନୀଳକଂଠ ଜେଲରୁ ମୁକ୍ତି ପାଇଥାନ୍ତି । ଏହି ଅଧିବେଶନରେ ତାଙ୍କ ଉଦ୍ୟମରେ ଗୃହୀତ ପଞ୍ଚମ ପ୍ରସ୍ତାବରେ ଆନ୍ଧ୍ର - ଓଡ଼ିଶା ସୀମା ବିବାଦ ତା ୩୧-୩-୨୪ ପୂର୍ବରୁ ନିଷ୍ପତ୍ତି କରାଯାଉ ବୋଲି ପ୍ରସ୍ତାବ ଗୃହୀତ ହେଲା । ପ୍ରଥମେ ରାଜଗୋପାଳାଚାରୀ ଓ ପରେ ରାଜେନ୍ଦ୍ର ପ୍ରସାଦଙ୍କୁ ଏଥିର ଭାର ଦିଆଗଲା । ନୀଳକଂଠ ଏଥିରେ ସଭ୍ୟ ରହିଥିଲେ । ମାତ୍ର ସେ ଦୁହେଁ କେହି ଏଥିର ନିଷ୍ପତ୍ତି କରିବାରେ ସହାୟକ ହେଲେ ନାହିଁ । ଥରକୁ ଥର ଆଲୋଚନା ସ୍ଥଗିତ ରହିଲା । କାରଣ ରାଜାଜୀ ମାନ୍ଦ୍ରାଜର ନେତା ଓ ରାଜେନ୍ଦ୍ର ପ୍ରସାଦ ବିହାରର ନେତା; ଯାହା ସହିତ ମଧ୍ୟ ଓଡ଼ିଶାର ସୀମା ବିବାଦ ରହିଥିଲା । ତେଣୁ ନିଜ ନିଜ ପ୍ରଦେଶର ଲୋକପ୍ରିୟତା ହରାଇବା ଆଶଙ୍କାରେ ସେମାନେ ଏଥିପାଇଁ ନିଷ୍କ୍ରିୟ ହେବା ସ୍ୱାଭାବିକ ।

## ସ୍ୱରାଜ୍ୟଦଳ ମାଧ୍ୟମରେ ନୀଳକଣ୍ଠଙ୍କର ଉଦ୍ୟମ

ପଣ୍ଡିତ ନୀଳକଂଠ କଂଗ୍ରେସ ନେତାଙ୍କ ସଙ୍କୀର୍ଣ୍ଣ ମନୋଭାବ ଦେଖି କଂଗ୍ରେସରେ ନିରାଶ ହୋଇ ସ୍ୱରାଜ୍ୟ ଦଳର ସହାୟତା ଲୋଡ଼ିଲେ । ତା ୮-୩-୨୪ 'ଉତ୍କଳ ଦୀପିକା'ର ଏକ ସମ୍ବାଦରୁ ପ୍ରକାଶ ଯେ, "ନୀଳକଂଠ ବାବୁ ଦିଲ୍ଲୀରେ ଥାଇ ଦେଶ ମିଶ୍ରଣ ବିଷୟରେ ସ୍ୱରାଜ୍ୟ ଦଳର ଆନୁକୂଲ୍ୟ ସକାଶେ ଯଥାସାଧ୍ୟ କାର୍ଯ୍ୟ କରୁଛନ୍ତି । ଶ୍ରୀଯୁକ୍ତ ପଟେଲ ପ୍ରଭୃତି ଅନେକ ସ୍ୱରାଜ୍ୟ ସଭ୍ୟ ଏ କାର୍ଯ୍ୟରେ ସମ୍ପୂର୍ଣ୍ଣ ସାହାଯ୍ୟ କରିବେ । ତେଣୁ ମନେହୁଏ ପଣ୍ଡିତ ନୀଳକଂଠ ବୈଧାନିକ ପନ୍ଥା ଧରିଲେ ।"

## କେନ୍ଦ୍ର ବ୍ୟବସ୍ଥା ସଭାରେ ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ

ପଣ୍ଡିତ ନୀଳକଂଠ ୧୯୨୪ରେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ତଥା ମୁଖ୍ୟ ବିରୋଧୀ ଦଳର ଅନ୍ୟତମ ସମ୍ପାଦକ ହୋଇଥିଲେ । ତା ୮ । ୨ । ୨୭ରେ ସମସ୍ତ ଓଡ଼ିଆ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ଓ ଏକ ଶାସନାଧୀନ କରିବା ପାଇଁ ସେ କେନ୍ଦ୍ର ବ୍ୟବସ୍ଥା ସଭାରେ ଏକ ବେସରକାରୀ ପ୍ରସ୍ତାବ ଆଗତ କଲେ । ଏହି ପ୍ରସ୍ତାବ ଉପରେ ସେ ଯେଉଁ ଯୁକ୍ତିଯୁକ୍ତ ପ୍ରମାଣ ମାନ ଦର୍ଶାଇଥିଲେ ସେଥିରେ ତତ୍କାଳୀନ ସରକାରୀ ସଭ୍ୟ ମୁଡ଼ିମ୍ୟାନ୍ ସାହେବ ପ୍ରସ୍ତାବର ଉପଯୋଗୀତା ହୃଦୟଙ୍ଗମ କରି ସରକାର ଏ ବିଷୟ

Digitized by PPRACHIN, SOA

ବିର୍ଦ୍ଧର କରିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଲେ । ଗୋରା ଖବରକାଗଜ 'ଷ୍ଟେଟସ୍-ମ୍ୟାନ' ଏକ ଅଗ୍ର ଲେଖାରେ ନୀଳକଣ୍ଠ ଉପରୋକ୍ତ ବକ୍ତୃତାଟି ଉଦ୍ଧାର କରି ଓଡ଼ିଆଙ୍କର ଏହି ଦାବୀ ପ୍ରତି ସହାନୁଭୂତି ପ୍ରକାଶ କରିଥିଲେ । ପଣ୍ଡିତ ଗୋପବନ୍ଧୁ ମଧ୍ୟ ନୀଳକଣ୍ଠଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରି 'ସମାଜ'ରେ ଲେଖିଲେ, "ପଣ୍ଡିତ ନୀଳକଣ୍ଠ ବେଳକାଳ ଉଣ୍ଡି ବଡ଼ ଲାଟ ସଭାରେ ଦେଶ ମିଶ୍ରଣ ପ୍ରସ୍ତାବ ଆଣିଛନ୍ତି । × × ଶୀଘ୍ର ଦେଶ ମିଶ୍ରଣର ବ୍ୟବସ୍ଥା ନ ହେଲେ ଓଡ଼ିଆ ଶାନ୍ତ ଓ କ୍ଷାନ୍ତ ହେବେ ନାହିଁ ବୋଲି ପଣ୍ଡିତ ନୀଳକଣ୍ଠ ଠାଣରେ ଯାହା ବଡ଼ ଲାଟ ସଭାରେ କହିଲେ ଓଡ଼ିଆମାନେ ତାହାର ପ୍ରମାଣ ଦେବା ଲାଗି ଆଜଠୁଁ ପ୍ରସ୍ତୁତ ହେବା ଉଚିତ ।" (ସମାଜ—ତା ୧୯-୨-୨୬)

## ମୁଖଲିଙ୍ଗ ସମ୍ମିଳନୀ

୧୯୨୭, ଜୁନ୍ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଆନ୍ଧ୍ର ଗବେଷକ ମାନେ ପାରଳାଖେମୁଣ୍ଡିର ମୁଖଲିଙ୍ଗ ଠାରେ ଗୋଟିଏ ସମ୍ମିଳନୀ କରି "କଳିଙ୍ଗ ଦିବସ" ପାଳନ କରିଥିଲେ । ଆନ୍ଧ୍ର ହିଁ କଳିଙ୍ଗ ସାମ୍ରାଜ୍ୟର ଯଥାର୍ଥ ଉତ୍ତରାଧିକାରୀ ବୋଲି ସାବ୍ୟସ୍ତ କରିବା ଏହାର ଉଦ୍ଦେଶ୍ୟ ଥିଲା । ତାହେଲେ ଜୟପୁର ଏବଂ ଗଞ୍ଜାମର ଚିଲିକା ପର୍ଯ୍ୟନ୍ତ ଅଞ୍ଚଳରେ ଓଡ଼ିଶାର ଦାବୀ ଆଉ ରହିବ ନାହିଁ । ତେଣୁ ବଡ଼ ଉଦ୍‌ବିଗ୍ନ ହୋଇ ସେଥିରେ ଯୋଗ ଦେବାଲାଗି ଗଞ୍ଜାମର ନେତୃବର୍ଗ ପଣ୍ଡିତ ନୀଳକଣ୍ଠଙ୍କୁ ଡାକିଲେ । ନୀଳକଣ୍ଠ ସେଥିରେ ଉପସ୍ଥିତ ହେଲେ ଏ ଅଞ୍ଚଳରେ ଓଡ଼ିଶାର ଦାବୀ ସପକ୍ଷରେ ଯେଉଁ ବଳିଷ୍ଠ ଯୁକ୍ତି ମାନ ଉପସ୍ଥାପନ କଲେ ସେଥିରେ ପାରଳାର ଗଜପତି ମହାରାଜା, ଜୟପୁର ମହାରାଜା ପ୍ରଭୃତି ଉପସ୍ଥିତ ଉତ୍କଳୀୟ ନେତାମାନେ ଯେପରି ବିସ୍ମିତ ଓ ମୁଗ୍ଧ ହୋଇ ପଡ଼ିଥିଲେ, ଆନ୍ଧ୍ର ଗବେଷକମାନେ ସେହିପରି ହତାଶ ଓ ନିରୁତ୍ତର ହୋଇ ପଡିଲେ । ଏହାର ବିସ୍ତୃତ ବିବରଣୀ ସମ୍ମିଳନୀରେ ଉପସ୍ଥିତ ଥିବା ଡଃ ସତ୍ୟନାରାୟଣ ରାଜଗୁରୁ "ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ପ୍ରତିଭା ।", (ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରକାଶନୀ)ରେ ପ୍ରଦାନ କରିଛନ୍ତି । ସେ ସମସ୍ତର ପୁନରୁକ୍ତି ଏଠାରେ ଅନାବଶ୍ୟକ ।

## ଗୋପବନ୍ଧୁଙ୍କର ସମର୍ଥନ

ଏ ସମ୍ପର୍କରେ ପଣ୍ଡିତ ଗୋପବନ୍ଧୁ 'ସମାଜ'ରେ ଲେଖିଲେ, "× × ଏବେ କଳିଙ୍ଗର ଉତ୍ତରାଧିକାରୀ ହେବା ଲାଗି ନିକଟବର୍ତ୍ତୀ ଲୋକଙ୍କର ଚେଷ୍ଟା । × × × ପଣ୍ଡିତ ନୀଳକଣ୍ଠଙ୍କ ଚିନ୍ତାପୂର୍ଣ୍ଣ ସୁଦୀର୍ଘ କଳିଙ୍ଗ ଇତିହାସ ବିଷୟକ କଳିଙ୍ଗ ଦିବସରେ ଅନେକ ଆନ୍ଧ୍ର ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତଙ୍କ ଆଲୋଚନାର ଗତି ଅନେକ ପରିମାଣରେ ଫେରାଇ ଥିବା ବଡ଼ ପ୍ରଶଂସାର କଥା ।" (ସମାଜ—ତା ୨-୭-୨୭)

Digitized by PPRACHIN, SOA

## ଦେଶର ବିଭିନ୍ନ ପତ୍ରପତ୍ରିକାରେ ନୀଳକଣ୍ଠଙ୍କର ପ୍ରବନ୍ଧ

ପଣ୍ଡିତ ନୀଳକଣ୍ଠ ଭାଷା ଭିତ୍ତିରେ ପ୍ରଦେଶ ଗଠନ ପାଇଁ ବହୁ ଯୁକ୍ତିଯୁକ୍ତ ପ୍ରମାଣ ଦେଇ ଭାରତର ବିଭିନ୍ନ ଇଂରାଜୀ ପତ୍ରିକା ମାନଙ୍କରେ ପ୍ରବନ୍ଧ ମାନ ପ୍ରକାଶ କରି ସରକାର ତଥା ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କଲେ । ୧୯୨୭ରେ ମାନ୍ଦ୍ରାଜ କଂଗ୍ରେସ ଅଧିବେଶନ ବେଳେ Bombay Chroniclyର କଂଗ୍ରେସ ସଂଖ୍ୟାରେ 'Our linguistic Provinces'' ବୋଲି ଗୋଟିଏ ସୁଚିନ୍ତିତ ପ୍ରବନ୍ଧ ପ୍ରକାଶ କରିଥିଲେ । ତାହା କଂଗ୍ରେସ ନେତାମାନେ ବହୁ ଆଦରେ ବାଣ୍ଟିଥିଲେ । ପଣ୍ଡିତ ଗୋପବନ୍ଧୁ ତା ୧୪-୧-୨୮ର "ସମାଜ"ରେ ନୀଳକଣ୍ଠଙ୍କ ପ୍ରବନ୍ଧର ବହୁ ପ୍ରଶଂସା କରିଥିଲେ ।

## ସରକାରଙ୍କ ଉପରେ ନୀଳକଣ୍ଠଙ୍କ କ୍ରମାଗତ ଚାପ

ନୀଳକଣ୍ଠ ୧୯୨୭ ମସିହାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ ଓ ଏକ ଶାସନାଧୀନ କରିବା ପାଇଁ ବଡ଼ ଲାଟ ସଭାରେ ନାନା ଯୁକ୍ତି ଦେଖାଇ ଦାବୀ କରିବା ବ୍ୟତୀତ ୧୯୨୯, ମାର୍ଚ୍ଚ ୨୦ ରେ ବଜେଟ ଉପରେ ଭାଷଣ ଦେଇ ଭାରତରେ ସାଂପ୍ରଦାୟିକତା ତଥା ଭାଷାଗତ ଦ୍ୱନ୍ଦ୍ୱ ଲାଗି ଇଂରେଜ ସରକାରଙ୍କୁ ଦାୟୀ କରିଥିଲେ ଏବଂ ସରକାରଙ୍କର ଓଡ଼ିଆମାନଙ୍କୁ ଚାରୋଟି ପ୍ରଦେଶରେ ରଖି ଭାଷାଗତ ଦ୍ୱନ୍ଦ୍ୱ ସୃଷ୍ଟି କରି ଦେଶ ଶାସନ କରିବା ନୀତିର ଘୋର ପ୍ରତିବାଦ କରିଥିଲେ । ଏତଦ୍ ବ୍ୟତୀତ ପଣ୍ଡିତ ନୀଳକଣ୍ଠ ସ୍ୱତନ୍ତ୍ର ପ୍ରଦେଶ ଲାଗି ନାନା ଭାବରେ ସରକାରଙ୍କ ଉପରେ ଚାପ ପକାଇ ଥିଲେ । କ୍ୟାବିନେଟ୍ ବିଫଳ ପରେ ମୁଡ଼ିମ୍ୟାନ ସାହେବ ୧୯୨୯ରେ ଓଡ଼ିଶାକୁ ଗୋଟିଏ ଉପ ପ୍ରଦେଶ କରିବାରେ ରାଜି ହେବା ପାଇଁ ନୀଳକଣ୍ଠଙ୍କ ସହ ପତ୍ରାଳାପ କରିଥିଲେ ଓ ବାରମ୍ବାର ତାଙ୍କ ପାଖକୁ ଆସି ଆଲୋଚନା କରିଥିଲେ । ସେହି ଆଲୋଚନା ଫଳରେ ପୁଣି ଭାରତ ସରକାରଙ୍କ ଠାରୁ ୪୦ ଲକ୍ଷ ଟଙ୍କା ପାଇ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଉ ବୋଲି ମଧ୍ୟ ଅର୍ଥ ସଭ୍ୟ ନୀଳକଣ୍ଠଙ୍କୁ କହିଥିଲେ । ଏବଂ ବାହାରେ ରହିଯାଉଥିବା କେତେକ ଓଡ଼ିଆ ଅଞ୍ଚଳ ଲାଗି ପରେ ଗୋଟିଏ ରାଜ୍ୟ ପୁନର୍ଗଠନ କମିସନ୍ ଗଠନ କରିବାର କଥା ଦେଇଥିଲେ । ମାତ୍ର ଓଡ଼ିଶାର ଉନ୍ନତି ନିମନ୍ତେ ଭାରତ ସରକାର ୮୦ ଲକ୍ଷ ଟଙ୍କା ଦିଅନ୍ତୁ ବୋଲି ନୀଳକଣ୍ଠ ଜିଦ୍ ଧରିବାରେ ବାଧ୍ୟର ସିଦ୍ଧାନ୍ତ ଅଚଳ ଅବସ୍ଥାରେ ରହିଲା । ଯେତେବେଳେ ସିନ୍ଧୁକୁ ଗୋଟିଏ ମୁସଲମାନ ପ୍ରଦେଶ ରୂପେ ଗଢ଼ିଦେବାର ପ୍ରସ୍ତାବ ହେଲା, ବଡଲାଟ ସଭାର ଅନ୍ୟତମ ଓଡ଼ିଆ ସଭ୍ୟ ଶ୍ରୀ ଭୁବନାନନ୍ଦ ଦାସ ସରକାରଙ୍କର ସେହି ୪୦ ଲକ୍ଷ ଟଙ୍କା ବାଛି କ ଦେବା କଥାରେ ନୀଳକଣ୍ଠଙ୍କୁ ବହୁତ ପ୍ରବର୍ତ୍ତାଇ ଥିଲେ ଓ ନୀଳକଣ୍ଠ "ବାଧ ହୋଇ ଅର୍ଥ ସବେ 'ଆଗେ ହଁ କଲି'' ବୋଲି ତାଙ୍କ ଆତ୍ମ ଜୀବନୀରେ ଲେଖିଛନ୍ତି । (ପୃ ୨୧୭) ଏହା ୧୯୩୩-୩୪ ସାଲର କଥା ।

Digitized by PPRACHIN, SOA